## ବୃଦ୍ଧଙ୍କ ଘରେ କଳାକନା ବୁଲାଇଲେ ଲୁଟେରା

ବିଞ୍ଝାରପୁର,୬।୨(ରାମକୃଷ୍ଣ ଦାସ): ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତ ସଂଖ୍ୟାଲଘୁ ସାହିର ଜଣେ ବୃଦ୍ଧଙ୍କ ଘରେ କଳାକନା ବୁଲାଇଛନ୍ତି ଲୁଟେରା। ବୃଦ୍ଧ ଜଣକ କିଛି ଦିନ ହେବ ଭୁବନେଶ୍ୱରରେ ରହୁଛନ୍ତି। ପ୍ରାୟ ସପ୍ତାହରେ ଥରେ ଏଠାକୁ ଆସିଥାନ୍ତି। ତେବେ ସେ ଘରେ ରହୁ ନ ଥିବାର ସୁଯୋଗ ନେଇ ରବିବାର ରାତିରେ ଲୁଟେରା ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟ କରିଛନ୍ତି। ଏହା ଜଣାପଡ଼ିବା ପରେ ବୃଦ୍ଧ ଘରେ ପହଞ୍ଚି ଘଟଣା ସମ୍ପର୍କରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଲୁଟେରାଙ୍କୁ ଠାବ କରିବାକୁ ଚଢ଼ାଉ ଜାରି ରଖିଛି।

**ସଂକ୍ଷେପରେ**

## ଦୋକାନପୋଡ଼ି ଅଭିଯୋଗ



ବିଞ୍ଝାରପୁର,୬।୨(ରାମକୃଷ୍ଣ ଦାସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଣପୁରଠାରେ ଜଣେ ପାନ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ କଥା କଟାକଟିରୁ ଦୋକାନ ପୋଡି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଥାନା କହରାଗଣ୍ଡ ଅଞ୍ଚଳର ଶିବପ୍ରସାଦ ମଲ୍ଲିକ ବାଣପୁର ନିକଟରେ ଏକ ଚାଳିଆ ଘରେ ପାନ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସୋମବାର ରାତି ପ୍ରାୟ ୯ଟାରେ ବାଣପୁର ଅଞ୍ଚଳର ବିକାଶ ମଲ୍ଲିକ(୩୫) ସେହି ପାନ ଦୋକାନରୁ କିଛି ସାମଗ୍ରୀ କିଣିଥିଲେ। ଏହାପରେ ଟଙ୍କା ନେଣଦେଣକୁ ନେଇ ଉଭୟଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିକାଶ ପାନ ଦୋକାନୀଙ୍କୁ ଆକ୍ରମଣ କରିବା ସହିତ ଗାଳିଗୁଲଜ କରିଥିଲେ। ଏପରିକି ରାତିରେ ସେହି ଦୋକାନରେ ନିଆଁ ଲଗାଇ ପୋଡ଼ି ଦେଇଥିବା ନେଇ ଶିବପ୍ରସାଦ ବିଞ୍ଝାରପୁର ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଯାଜପୁର ଜିଲା ଯୁବ ବିଜେଡି ସମ୍ପାଦକ ହେଲେ ସ୍ୱପ୍ନାନନ୍ଦ

ପାଣିକୋଇଲି, ୬।୨(ବିକାଶ ମଲ୍ଲିକ):

ପାଣିକୋଇଲିର ଯୁବନେତା ତଥା ପଥରପଦା ପଞ୍ଚାୟତର ଯୁବ ସଭାପତି ଭାବେ କାର୍ଯ୍ୟଭାର ତୁଲାଇଥିବା ସ୍ୱପ୍ନାନନ୍ଦ ଦାସଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକଭାବେ ନୂତନ ନିଯୁକ୍ତି ମିଳିଛି। ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ଏନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଦାସ ନିଯୁକ୍ତି



ପାଇବା ପରେ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କୋରେଇ ବିଧାୟକ ଅଶୋକ ବଳ, ଜିଲା ଯୁବ ସଭାପତି ମହାନ୍ତିଙ୍କ ସମେତ ଯୁବନେତା ଭବପ୍ରସାଦ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପରେ ଯୁବ କର୍ମୀମାନେ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପଣ୍ଡିତ ପର୍ଶୁରାମ ରଥଶର୍ମାଙ୍କ ପରଲୋକ



ରସୁଲପୁର,୬।୨(ରଂଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳର ପଣ୍ଡିତ ପର୍ଶୁରାମ ରଥଶର୍ମାଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବ୍ରହ୍ମଜ୍ଞାନ ତତ୍ତ୍ୱ ସମ୍ପର୍କରେ ତାଙ୍କର ଗଭୀର ପାଣ୍ଡିତ୍ୟ ରହିଥିଲା। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଶିକ୍ଷାବିତ୍ ଧନେଶ୍ୱର ରଥ, ପ୍ରମୋଦ ଦାଶ, ନିତ୍ୟାନନ୍ଦ ରଥ, ଅରୁଣ ସ୍ୱାଇଁ, ପଣ୍ଡିତ ହିମାଂଶୁ ଶେଖର ପଣ୍ଡା, କୈଳାସ ପଣ୍ଡା, ବିଜୟ ପଣ୍ଡା, ରତିକାନ୍ତ ସାମଲ, ନାରାୟଣ ଚନ୍ଦ୍ର ସାହୁ, ଜନପ୍ରତିନିଧି ଶିଶିର ମହାନ୍ତି, ଦିଲୀପ ଦାସ, ନରୋତ୍ତମ ସାହୁ, ପ୍ରହ୍ଲାଦ ପଣ୍ଡା, ପ୍ରଫୁଲ୍ଲ କଣ୍ଡ, ଦୁଷ୍ମନ୍ତ ମଲିକ, ନରହରି ନାୟକ, ଆଇନଜୀବୀ ଗୋପାଳ ପଣ୍ଡା, ଗାଁ ମୁରବୀ ପ୍ରସନ୍ନ ରଥ, କାଳନ୍ଦି କଣ୍ଡ, ସନ୍ତୋଷ କଣ୍ଡ, ଲକ୍ଷ୍ମୀକାନ୍ତ ଶତପଥୀ, ବିଶ୍ୱମୋହନ ପତି, କାର୍ତ୍ତିକ କଣ୍ଡ, ରମେଶ ଚନ୍ଦ୍ର ପଣ୍ଡା, ଗିରିଜା ଶଙ୍କର ରଥ, କୁମନ୍ଦ ପାଣି ଓ କମଳଲୋଚନ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବରାଂଶସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରଥଶର୍ମାଙ୍କ ମରଶରୀରକୁ ଏକ ବିରାଟ ପଟୁଆରରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଏନ୍‌ଏଚ୍‌-୨୦ ପାର୍ଶ୍ୱରୁ ମୋରମ୍ ଲୁଟ୍

- ରାସ୍ତା ଧସି ଯିବାର ଆଶଙ୍କାରେ ଗ୍ରାମବାସୀ
- ଏଆର୍‌ଏସ୍‌ଏସ୍ ଠିକାସଂସ୍ଥାର କାମକୁ ନେଇ ସନ୍ଦେହ
- ତଦନ୍ତ କରି ଫେରିଲେ ଏନ୍‌ଏଚ୍‌ଏଆଇ ଟିମ୍

ଯାଜପୁର,୬।୨(ହର୍ଷବର୍ଦ୍ଧନ ବେହେରା) :



ରାସ୍ତା କଡ଼ରୁ ମୋରମ ଲୁଟ୍ ହୋଇଛି।

ଯାଜପୁର ଜିଲାରେ ମୋରମ, ମାଟି ଓ ମାଙ୍କଡ଼ା ପଥର ଉତ୍ତୋଳନ ପାଇଁ ଅନୁମତି ନାହିଁ। ତଥାପି ଯାଜପୁର ଜିଲା କୋରେଇ ବ୍ଲକ ସାନପାଟୁଲି ମୌଜାର ୨୦ନଂ. ଜାତୀୟ ରାଜପଥ(ଏନଏଚ୍)କୁ ଲାଗିଥିବା ଜମିରୁ ରାତି ଅଧିଆ ମେଶିନ ଲଗାଇ ମୋରମ ଲୁଟ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେହି ସ୍ଥାନ ପ୍ରାୟ ୧୦୦ ମିଟର ଲମ୍ବ ଓ ୧୦ ଫୁଟ ଗଭୀର ହୋଇଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା କେନ୍ଦୁଝରରୁ ପଟୁ ଆସୁଥିବା ଏନ୍‌ଏଚ୍‌-୨୦ର ବାମାପାର୍ଶ୍ୱ ରାସ୍ତା ଧସି ଯିବାର ସମ୍ଭାବନା ସୃଷ୍ଟି କରିଛି। ଏନ୍‌ଏଚ୍ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଡ୍ରେନେଜକୁ ଲାଗି ଏଭଳି ମୋରମ ଲୁଟ୍ ହୋଇଥିବାରୁ ଆଗକୁ ବଡ଼ ଧରଣର ଦୁର୍ଘଟଣା ହୋଇ ପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକଟ କରିଛନ୍ତି। ଏହି ସ୍ଥାନରୁ ପ୍ରାୟ ୫୦୦ ମିଟର ଦୂରରେ ବେଣାଛକରେ ଏକ ଗଳିପୋଲ ନିର୍ମାଣ କରାଯାଉଛି। ଏହାର ନିର୍ମାଣ ଦାୟିତ୍ୱ ଏଆର୍‌ଏସ୍‌ଏସ୍ ଠିକାସଂସ୍ଥାକୁ ନ୍ୟସ୍ତ କରାଯାଇଛି। ଏହିକ୍ରମରେ ଏଆର୍‌ଏସ୍‌ଏସ୍ ଠିକାସଂସ୍ଥାର କର୍ମଚାରୀମାନେ ଏଭଳି କାଣ୍ଡ ଭିଆଇଥିବା ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି। ମୋରମ ଓ ମାଟି ଲୁଟ୍ ହୋଇଥିବା ସ୍ଥାନରୁ ପାଖାପାଖି ୧ କିମି ଦୂରତାରେ ଏକ ଘରୋଇ ସ୍କୁଲ ରହିଛି। ଏହି ସ୍କୁଲକୁ ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର ଯାତାୟତ କରିଥାନ୍ତି। ତେଣୁ ଏନ୍‌ଏଚ୍ କଡରେ ଏଭଳି ଲୁଟ କାରବାର ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ହୋଇପାରେ ବୋଲି ମତପ୍ରକାଶ ପାଇଛି। ଏନେଇ ସାନପାଟୁଲି ଓ ଚିଲିପଦା ଗ୍ରାମବାସୀ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଙ୍ଗଳବାର ଏକ ବିଭାଗୀୟ ଟିମ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିଛନ୍ତି। ଏହିକ୍ରମରେ ଏନ୍‌ଏଚ୍‌ଏଆଇର ରୋଡ ଅଧିକାରୀ ଜିତେନ ନାଏକ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝି କହିଛନ୍ତି, ନିକଟରେ ଏଆର୍‌ଏସ୍‌ଏସ୍ ଠିକାସଂସ୍ଥାର ଗଳିପୋଲ କାମ ଚାଲିଥିବାରୁ ଏହି ମାଟି ଓ ମୋରମ ଖୋଳି ସେଥିରେ ବ୍ୟବହାର କରାଯାଇଥିବ। ଏଥିଯୋଗୁ ଗାଈଗୋରୁ ପଡି ଆହତ ହେଉଛନ୍ତି। ରାତିରେ ଉଚ୍ଚ କ୍ଷମତା ସମ୍ପନ୍ନ ମେଶିନ ଲଗାଇ ବ୍ୟାପକ ଲୁଟ୍ ହୋଇଛି। ଏଥିଯୋଗୁ ଗ୍ରାମବାସୀଙ୍କ ଜୀବନ ବିପଦରେ ପଡିଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଗ୍ରାମବାସୀ ଲକ୍ଷ୍ମୀଧର ତରେଇ କହିଛନ୍ତି, ଏନ୍‌ଏଚ୍‌କୁ ଲାଗି ଖୋଳି ଦେବା ସମ୍ପୂର୍ଣ୍ଣ ଭାବେ ବିପଦପୂର୍ଣ୍ଣ କାର୍ଯ୍ୟ। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ତତ୍ପରତା ପ୍ରକାଶ କରିବା ଉଚିତ। ସୂଚନାଯୋଗ୍ୟ, ସୁକିନ୍ଦା, କେନ୍ଦୁଝର, ଯୋଡ଼ା ଓ କୋଇଡ଼ା ଅଞ୍ଚଳରୁ ଏହି ରାସ୍ତାଦେଇ ପ୍ରାୟ ପ୍ରତିଦିନ ବିଭିନ୍ନ ଖଣିଜ ପଦାର୍ଥ ବୋଝେଇ ଭାରିଯାନ ଚଳାଚଳ କରୁଛି। ଏହିକ୍ରମରେ ରାସ୍ତାକୁ ଲାଗି ଖୋଲି ଦିଆଯାଇଥିବାରୁ ରାସ୍ତା ଧସି ଅଘଟଣ ଘଟିବାର ସମ୍ଭାବନା ସୃଷ୍ଟି ହୋଇଛି ।

## ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥି ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବରୀ,୬।୨(ମହେନ୍ଦ୍ର ସ୍ୱାଇଁ):

**ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ**

ବରୀ ବ୍ଲକ୍ ଅଧୀନ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶ ଅଧ୍ୟୟନ କେନ୍ଦ୍ର(ସିଇଏସ୍) ପକ୍ଷରୁ ଏକ ପ୍ଲାଷ୍ଟିକ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହାଉପରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନାଙ୍କ ସଭାପତିତ୍ୱରେ ଏକସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସିଇଏସ୍‌ର ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା, ପ୍ରୋଗ୍ରାମ ଏକଜିକ୍ୟୁଟିଭ୍ ସୁଶାନ୍ତ ନାୟକ, ସୁଶାନ୍ତ ଲେଙ୍କା, ଯୁବବୈଜ୍ଞାନିକ ଶୁଭ୍ରାଂଶୁ ଶେଖର ସାମଲ, ଖବରଦାତା ପ୍ରତାପ ଦାସ ଓ ପଞ୍ଚାନନ ଜେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଯୋଗଦେଇ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ହ୍ରାସ ସହିତ ଏହାର ବିକଳ୍ପ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହାସହିତ କିଭଳି ବିଶ୍ୱ ଜଳବାୟୁ ପରିବର୍ତ୍ତନ ହେଉଛି ତା' ଉପରେ ଆଲୋଚନା କରିଥିଲେ। ପରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଏବଂ ସାନ୍ତ୍ୱନାମୂଳକ ଭାବରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ, ଷ୍ଟିଲ ପାଣି ବଟଲ, କଫି କପ ଓ ଖାତା ଆଦି ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନଙ୍କୁ କଫି କପ ଆଦି ପ୍ରଦାନ କରାଯାଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଛାତ୍ରୀଛାତ୍ର ଓ ଅତିଥିମାନେ ଏକ ଶପଥ ପାଠ କରିଥିଲେ। ଏହାପରେ ସମସ୍ତେ ଏକ ବିରାଟ ପଟୁଆରରେ ରାମପୁର ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର




ସୋଲର ପଞ୍ଚାୟତ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଛତିଆ,୬।୨(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ପଞ୍ଚାୟତ ପରିସରରେ ମଙ୍ଗଳବାର ଆମ ଓଡ଼ିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ପାଲା, ସଙ୍କୀର୍ତ୍ତନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଶିବିରକୁ ସୋଲର ସରପଞ୍ଚ ବିଜୟ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ମାଧବାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସଞ୍ଜୟ ବେହେରା, ସନ୍ତୋଷୀ ପଣ୍ଡା, ପ୍ରଶାନ୍ତ ଲେଙ୍କା, ରମେଶ ବିଶ୍ୱାଳ ଓ ପ୍ରଣୟ ରଣାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏବଂ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ୨ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

ଝୁମ୍ପୁରୀ,୬।୨(ସରୋଜ ନାୟକ):

ଦଶରଥପୁର ବ୍ଲକ୍‌ର ଚମ୍ପେଇପାଳ ଓ କଟିକଟା ପଞ୍ଚାୟତରେ ମଙ୍ଗଳବାର ଆମ ଓଡ଼ିଶା ଓ ନବୀନ ଓଡ଼ିଶା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟିକଟା ପଞ୍ଚାୟତ ନାୟକ ସାହି ସ୍କୁଲ ପଡ଼ିଆଠାରେ କଟିକଟା ସମବାୟ ସମିତି ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚମ୍ପେଇପାଳ ପଞ୍ଚାୟତର କୁଆଁରପୁରସ୍ଥ ମହିଷିଡିହ ପଡ଼ିଆଠାରେ ସରପଞ୍ଚ ହିମାଂଶୁ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ରାଜ୍ୟବାସୀଙ୍କ ପାଇଁ ସରକାର କରିଥିବା ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଦୁଇ ପଞ୍ଚାୟତର ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲା ପରିଷଦ ସଭ୍ୟ ପାର୍ଥସାରଥି ମହାପାତ୍ର, ସଭ୍ୟା ମନସ୍ୱିନୀ ଦାସ, ସମିତିସଭ୍ୟ ବିଜୟ ନାୟକ, କଟିକଟା ସରପଞ୍ଚ କାଞ୍ଚନବାଳା ପରିଡ଼ା, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ରଘୁନାଥ ପରିଡ଼ା, ରମେଶ ଦାସ, ଯୁବନେତା ଜ୍ୟୋତିରଞ୍ଜନ ପରିଡ଼ା, ସୁଶୀଲ ମହାନ୍ତି ଓ ପ୍ରଭୁକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ କୃଷି, ଉଦ୍ୟାନ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ବ୍ୟାଙ୍କିଙ୍ଗ୍ ସେବା ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ପୁଷ୍ଟିକର ଖାଦ୍ୟ ଉପରେ ଷ୍ଟଲ କରାଯାଇଥିଲା। ଉଭୟ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।

## ଗାୟକ ସୁଧାକର ପରମାନନ୍ଦ ଶରଣଙ୍କ ଜୟନ୍ତୀ



ପରମାନନ୍ଦ ଶରଣ ରଜତ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୬।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ପରମାନନ୍ଦ ଶରଣ ସ୍ମୃତି ସଂସଦ ପକ୍ଷରୁ ଗାୟକ ସୁଧାକର ସ୍ୱର୍ଗତ ପରମାନ୍ଦନ ଶରଣଙ୍କ ରଜତ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ସଭାପତି ତଥା ପାଲାକାର ଦାଶରଥି ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ନୀଳାଚଳ ନିଖିଳ ଉତ୍କଳ ରାଜ୍ୟ ପାଲାକାର ସଂଘ ସଭାପତି ମଦନମୋହନ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ପରମାନନ୍ଦ ଶରଣ ପାଲା ଜଗତର ପୀତାମହ ଭୀଷ୍ମଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ନୀଳାଚଳ ନିଖିଳ ଉତ୍କଳ ରାଜ୍ୟ ପାଲାକାର ସଂଘ ସଂପାଦକ ବସନ୍ତ ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, ପ୍ରବଚକ ପଣ୍ଡିତ କାମଦେବ ଶତପଥୀ, ପାଲାକାର ଗୟାଧର ମହାପାତ୍ର, ପାରେଶ୍ୱର ଶରଣ, ଶିକ୍ଷାବିତ ବେଣୁଧର ଶରଣ ଓ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ପରମାନ୍ଦନଙ୍କ ପାଲା ପରିବେଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରେ ବୋଲି କହିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ଡାକ୍ତର ରବିନାରାୟଣ ପଣ୍ଡା, ପାଲାକାର ମଦନମୋହନ ଜେନା, ବସନ୍ତ ରାଉତ, ଦାଶରଥି ମିଶ୍ର, ବଟକୃଷ୍ଣ ବେହେରା, କୁମୁଦିନୀ ପଣ୍ଡା, ବାୟକ ନୀଳମଣି ସାହୁ, ରଞ୍ଜନ ମିଶ୍ର, ଅଜୟ ଶତପଥୀ, ବାଇଧର ସାହୁ, ଶଙ୍କର୍ଷଣ ଦାଶ, ସଙ୍ଗୀତକାର ବିନାୟକ ଶରଣ, ରବୀନ୍ଦ୍ରନାଥ ସ୍ୱାଇଁ, ଚୈତନ୍ୟ ଦାସ, ଲକ୍ଷ୍ମୀଧର ବରାଳ, ଶତ୍ରୁଘ୍ନ ପାଢ଼ୀ ଓ ସୁରେନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କବି ପଦ୍ମଜା ଶରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହ ସମ୍ପାଦକ ବିରୁପାକ୍ଷ ଶରଣ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସାଇକୃପା ଓ ଋତୁପର୍ଣ୍ଣା ସଙ୍ଗୀତ ପରିବେଷଣ କରିଥିବାବେଳେ ସାଇଶ୍ରୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଧର୍ମଶାଳା,୬।୨(ବଟକୃଷ୍ଣ ପରିଡ଼ା):

**ମୁକୁନ୍ଦପାତ୍ର ଯୁକ୍ତ ୨ କଲେଜ**

ଧର୍ମଶାଳା ବ୍ଲକ କନ୍ତପଡ଼ାସ୍ଥିତ ମୁକୁନ୍ଦ ପାତ୍ର ଯୁକ୍ତ ୨ କଲେଜରେ ନୂଆ-ଓ ବିଶ୍ୱ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ କଲେଜ ଅଧ୍ୟକ୍ଷ ହେମନ୍ତ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମୁକୁନ୍ଦ ପାତ୍ର ଯୁକ୍ତ ୩ କଲେଜ ପରିଚାଳନା କମିଟି ସଭାପତି ଉତ୍କଳମଣି ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ସାହିତ୍ୟର ଗରିମା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତାଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅଜୟ ମହାନ୍ତି ଯୋଗଦେଇ ଓଡ଼ିଆ ଭାଷା ଭାରତୀୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି ବୋଲି କହିଥିଲେ। ଅତିଥିଭାବେ ଗୀତିକାର ବିଭୂତି ସ୍ୱାଇଁ, ରଶ୍ମିତା ବେହେରା ଯୋଗଦେଇ ଜଗନ୍ନାଥଙ୍କ ନୀତି, ପର୍ବପର୍ବାଣୀ ଓ ସାମାଜିକ ନୀତି ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ସଙ୍ଗୀତ ନିର୍ଦ୍ଦେଶକ ମୁନା ମହାନ୍ତି ଯୋଗଦେଇ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ. ସ୍ୱର୍ଣ୍ଣପ୍ରଭା ଖଟୁଆ ଧନ୍ୟବାଦ ଦେଇଥିଲେ।

## ଧାନମଣ୍ଡଳ ପଞ୍ଚାୟତ ପକ୍ଷରୁ ସଚେତନତା ଶିବିର



ଶିବିରରେ ପତ୍ରିକା 'ଆମ ପଞ୍ଚାୟତର ବିକାଶ' ଉନ୍ମୋଚନ କରାଯାଉଛି।

ବଡ଼ଚଣା,୬।୨(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ପଞ୍ଚାୟତରେ ସରପଞ୍ଚ ନବଦୀପ ନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଉଦ୍‌ଘାଟନ କରି ରାଜ୍ୟରେ ନବୀନ ପଟ୍ଟନାୟକ ସରକାର ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ବହୁ ଯୋଜନା କରିବା ଯୋଗୁ ଗ୍ରାମାଞ୍ଚଳ ମହିଳାପୁରୁଷ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାଶ ଚନ୍ଦ୍ର ନନ୍ଦ, ସାମାଜିକ କର୍ମୀ ସଞ୍ଜୟ ସ୍ୱାଇଁ, ନିରଞ୍ଜନ ସେନାପତି, ପ୍ରକାଶ ପ୍ରଧାନ, ରଶ୍ମିରଞ୍ଜନ ଦାସ, ସିଦ୍ଧେଶ୍ୱର ଦାସ, ଗୋକୁଳି ପାଢ଼ୀ, ସୁରେଶ ନାୟକ ଓ ଶରତ ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜନସାଧାରଣଙ୍କୁ ବହୁମାତ୍ରାରେ ଉପକୃତ କରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କମିନା ସଏ, ବିପିଏମ୍ ଲଗ୍ନଜିତ ମାହାଲା ପ୍ରମୁଖ ପରିଚାଳନା କରିଥିଲେ। ନୃତ୍ୟ, ଗୀତ ଓ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ପଞ୍ଚାୟତ ପକ୍ଷରୁ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟକ୍ରମର ଏକ ପତ୍ରିକା ଆମ ପଞ୍ଚାୟତର ବିକାଶ ଉନ୍ମୋଚନ କରାଯାଇ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ପୂର୍ବତନ ସମିତିସଭ୍ୟ ଆନନ୍ଦ ଜେନା ଧନ୍ୟବାଦ ଦେଇଥିଲେ।

# ପୁଅର ଜୀବନ ରକ୍ଷା ପାଇଁ ମା'ବାପାଙ୍କ ଗୁହାରି

**ବଜ୍ରପାତରେ ଗୁରୁତର ହୋଇ ୫ ମାସ ହେବ ଚିକିତ୍ସିତ ହେଉଛି ପୁଅ**

କାଏମା,୬।୨(ଶିବପ୍ରସାଦ ମହାନ୍ତି)





ବଜ୍ରପାତରେ ଗୁରୁତର ହୋଇଥିବା ମନୋଜ ଓ ତାଙ୍କ ମା',ବାପା।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ଚଇନୁହୁଡା ଗ୍ରାମର ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ(୨୦) ବଜ୍ରପାତରେ ଗୁରୁତର ହୋଇ ଆଜକୁ ୫ ମାସ ହେବ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁଅର ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଥିବା ୫ ଲକ୍ଷ ଟଙ୍କା ଶେଷ ହୋଇ ଯାଇଛି। ତେଣୁ ବାପା ବଟକୃଷ୍ଣ ଓ ମା'ବାସନ୍ତୀଙ୍କ ସହ ଗ୍ରାମବାସୀ ମନୋଜଙ୍କ ଜୀବନ ରକ୍ଷା ପାଇଁ ପ୍ରଶାସନ ଓ ସହୃଦୟ ବ୍ୟକ୍ତିଙ୍କ ପାଖେ ଗୁହାରୀ କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ୧୮ ଅପରାହ୍ଣରେ ବର୍ଷା ଛାଡ଼ିଯିବା ପରେ ମନୋଜ ଓ ତାଙ୍କ ସାଙ୍ଗ ମନୋରଞ୍ଜନ ବିଲ ପାଟକୁ ଯାଇ ବସି କଥା ହେଉଥିଲେ । ଏହି ସମୟରେ ଅଚାନକ ବଜ୍ରପାତ ହୋଇଥିଲା। ଏଥିରେ ଦୁହେଁ ଗୁରୁତର ହୋଇଥିଲେ । ସ୍ଥାନୀୟ ବାସିନ୍ଦା ମନୋଜ ଓ ମନୋରଞ୍ଜନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଥିଲା । ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ସଦସ୍ୟମାନେ କହିଛନ୍ତି, ମନୋଜଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଥିବାରୁ ସର୍ଜରୀ ମାଧ୍ୟମରେ ତାଙ୍କ ମୁଣ୍ଡରୁ କ୍ଷତିଗ୍ରସ୍ତ ହାଡ଼ ବାହାର କରାଯାଇଥିଲା । ଏଥିପାଇଁ ତାଙ୍କୁ ଭୁବନେଶରର ଏକ ଘରୋଇ ହସ୍ପିଟାଲକୁ ପ୍ରତିମାସ ନିଆଯାଇ ଫିଜିଓଥେରାପି କରାଯାଉଥିଲା । ମନୋଜ ଘରକୁ ଆସି କିଛି ଦିନ ରହିଥିଲେ । ହେଲେ ସେ ସମସ୍ତଙ୍କୁ ଦେଖୁଥିଲେ ମଧ୍ୟ କିଛି କହିପାରୁ ନ ଥିଲେ କି ଚିହ୍ନି ପାରୁ ନ ଥିଲେ। ଆଜକୁ ୧୦ ଦିନ ତଳେ ମନୋଜଙ୍କ ମଣ୍ଡରେ ପୁନର୍ବାର ସର୍ଜରୀ କରାଯାଇଥିଲା। ଏହାର ଦୁଇ ଦିନ ପରେ ତାଙ୍କ ମୁହଁ ଫୁଲି ଯିବା ସହ ସାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ବର୍ତ୍ତମାନ ପୁର୍ନବାର ସର୍ଜରୀ ପାଇଁ ୩ ଲକ୍ଷ ଟଙ୍କା ଦରକାର ଥିବା ଡାକ୍ତର କହୁଛନ୍ତି । ଇତିମଧ୍ୟରେ ବିଜୁ ସାସ୍ଥ୍ୟ କାର୍ଡରେ ଥିବା ଟଙ୍କା ଶେଷ ହୋଇଯାଇଛି। ମନୋଜଙ୍କ ବାପା ବଟକୃଷ୍ଣ ଜଣେ ଦିନ ମଜୁରିଆ ଭାବେ ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ । ୩ ଝିଅ ଓ ଗୋଟାଏ ପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର । ଗତବର୍ଷ ବଡ଼ ଝିଅର ବାହାଘର ସରିଛି । ଏଥିପାଇଁ ସେ ଋଣ ଭାରରେ ବୁଡିଥିବା ବେଳେ ମନୋଜଙ୍କ ଚିକିତ୍ସା ଖର୍ଚ୍ଚ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି । ମା'ବାସନ୍ତୀ ପୁଅକୁ ଝୁରି ଝୁରି ଦୁର୍ବଳ ହୋଇପଡିଛନ୍ତି । ଏଭଳି ସ୍ଥିତିରେ ପୁଅର ଚିକିତ୍ସା ପାଇଁ ବାପା ବଟକୃଷ୍ଣ ମୁଣ୍ଡ ରେ ହାତ ଦେଇ ବସିଛନ୍ତି। ଏଥିପାଇଁ ମନୋଜଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବା ପାଇଁ ସେ ଓ ଗ୍ରାମବାସୀ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ପ୍ରଦେଶ କଂଗ୍ରେସ ପ୍ରଚାର କମିଟିରେ ବିଧୁଭୂଷଣ

**କେନ୍ଦ୍ରାପଡ଼ା, ୬।୨ (ଜଗନ୍ନାଥ ଧଳ)**



କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ କଂଗ୍ରେସ ଓବିସି ସେଲ ଆବାହକ ବିଧୁଭୂଷଣ ମହାପାତ୍ର ରାଜ୍ୟ କଂଗ୍ରେସ ପ୍ରଚାର କମିଟିର ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଦୀର୍ଘ ୨୫ ବର୍ଷ ଧରି ସେ କଂଗ୍ରେସର ବିଭିନ୍ନ ପଦରେ କାର୍ଯ୍ୟ କରି ଆସୁଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ କେ. ସି. ବେଣୁଗୋପାଳ ପ୍ରଚାର କମିଟିରେ ନିଯୁକ୍ତି ଦେବା ପରେ ଏହି ଜିଲାରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ଏହି ଅବସରରେ ଦଳୀୟ ସଙ୍ଗଠନ ବୃଦ୍ଧି ସହ ଆସନ୍ତା ସାଧାରଣ ନିର୍ବାଚନରେ ରାଜ୍ୟ କଂଗ୍ରେସ ସଫଳ ହେବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି।

### ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ କର୍ମଶାଳା

**ଆଳି,୬।୨ (ବନମାଳୀ ସେନାପତି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା କିପରି ଘରେ ଘରେ ପହଞ୍ଚି ପାରିବ ସେ ନେଇ ଭାଜପା ପକ୍ଷରୁ ଆରମ୍ଭ ହୋଇଛି ଗାଁକୁ ଚାଲ ଅଭିଯାନ କର୍ମଶାଳା। ଏହି ଅବସରରେ ରବିବାର ଆଳି ନିର୍ବାଚନ ମଣ୍ଡଳୀର ୨ ନଂ. ଜୋନ ନିଆଳ ମଣ୍ଡଳ କଳସପୁରଠାରେ ଗାଁକୁ ଚାଲ ଅଭିଯାନର କର୍ମଶାଳା ଶୁଭାରମ୍ଭ ହୋଇଛି। ମଣ୍ଡଳ ସଭାପତି ରାଜେନ୍ଦ୍ର ସାମଲଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ଆଶାଲତା ପଟ୍ଟନାୟକ, ଗାଁକୁ ଚାଲ ଅଭିଯାନର ସଂଯୋଜିକା ଦୁର୍ଗା ଦେବୀ ସିଂ, ୨୯ ନଂ. ଜୋନ ସଭାପତି ନିହାର ନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆବଜାରରେ ଓଳାଶୁଣୀ ଗୁମ୍ଫା ମେଳା



**ପାରାଦୀପ,୬।୨ (ଶରତ ରାଉତ)**

ପାରାଦୀପ ନୂଆବଜାରରେ ଥିବା ହରିବୋଲ ମଠ ପରିସରରେ ମଙ୍ଗଳବାର ଓଳାଶୁଣୀ ଗୁମ୍ଫା ମେଳା ଅନୁଷ୍ଠିତ ହୋଇଯାଇଛି। ଦିନତମାମ ଆୟୋଜିତ ଏହି ମେଳାରେ ସ୍ଥାନୀୟ ଲୋକେ ଯୋଗଦେଇ ବିଭିନ୍ନ ରୀତିନୀତି ଦେଖିଥିଲେ। ସକାଳୁ ମଙ୍ଗଳ ଅଧିବାସ ପରେ ପୋଡ଼ପିଠା ଭୋଗ ହୋଇଥିଲା। ପରେ ଗୀତାପାଠ, ସନ୍ଧ୍ୟାରେ ଭାଗବତ ପାଠ ଓ ଭଜନ ସମାରୋହ ହୋଇଥିଲା। ଏଥିରେ ମହାପୁରୁଷ ଆଶ୍ରମର ଭକ୍ତ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ

**ରାଜନଗର, ୬।୨ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ରନାରାୟଣ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ମନୋରଞ୍ଜନ ସେଠୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଚିତ୍ତରଞ୍ଜନ ଜେନା, ମୁଖ୍ୟବକ୍ତା ଭାବେ ଏବିଇଓ ଶିବପ୍ରସାଦ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭା ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ, ସିଆର୍‌ସିସି ମଧୁସୂଦନ ସାହୁ, ମୁକୁଳେନ୍ଦୁ ଘଡାଇ, ମହେଶ୍ୱର ସେଠୀ, ମନୋରଞ୍ଜନ ପରମାଣିକ ପ୍ରମୁଖ ସମସ୍ତ କ୍ଲଷ୍ଟରର ସିଆର୍‌ସିସିମାନେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

# ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

### ଅଧ୍ୟାପକଙ୍କ ନାମରେ ହୋଇଥିବା ମିଥ୍ୟା ଅଭିଯୋଗକୁ ଖଣ୍ଡନ ଦାବି

**ପାଟକୁରା,୬।୨ (ରବୀନ୍ଦ୍ରନାଥ ବାରିକ)**



କଲେଜ ଫାଟକ ସମ୍ମୁଖରେ ଧାରଣରତ ପିଲାମାନେ।

ପାଟକୁରା ଥାନା ଅନ୍ତର୍ଗତ ଅନ୍ତେଇଠାରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀଛାତ୍ର ମହାବିଦ୍ୟାଳୟର ଅଧ୍ୟାପକଙ୍କ ନାମରେ ଅଧ୍ୟାପିକା କରିଥିବା ମିଥ୍ୟା ଅଭିଯୋଗକୁ ଖଣ୍ଡନ ପାଇଁ ଦାବି କରିଛନ୍ତି। ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ୫ ଘଣ୍ଟା ଧାରଣାରେ ବସିଥିଲେ।

ମହାବିଦ୍ୟାଳୟରେ ଯୁକ୍ତ ୨ର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଶେଷ ହେବା ପରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଯୁକ୍ତ ୩ ଓ ଯୁକ୍ତ ୨ ଶ୍ରେଣୀର ପିଲାମାନେ ମୁଖ୍ୟ ଫାଟକରେ ତାଲା ପକାଇବା ସହ ପ୍ରତିବାଦ କରି ବସି ରହିଥିଲେ। ଅଧ୍ୟାପକଙ୍କ ନାମରେ କରାଯାଇଥିବା ମନଗଢ଼ା ମିଥ୍ୟା ଅଭିଯୋଗ ଖଣ୍ଡନ କରିବା ପାଇଁ ନାରା ଦେଇଥିଲେ। ଧାରଣାରେ ବସିଥିବା ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦୁଇ ପୃଷ୍ଠା ସମ୍ବଳିତ ଏକ ସ୍ମାରକପତ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ଭୋଇଙ୍କୁ ପ୍ରଦାନ କରିଥିଲେ। ଫାଟକରେ ତାଲା ପଡିଥିବାରୁ ମହାବିଦ୍ୟାଳୟ ପରିସରରେ ୨୦ରୁ ଅଧିକ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ବାହାରକୁ ବାହାରି ପାରି ନ ଥିଲେ। ଖବରପାଇ ପାଟକୁରା ଆଇଆଇସି ବିଶ୍ୱଜିତ ଭୋଇ ସଦଳବଳ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିଥିଲେ। ଉପଯୁକ୍ତ ତଦନ୍ତ କରି ନ୍ୟାୟ ଦିଆଯିବ ବୋଲି ପୋଲିସ କହିବା ପରେ ଅପରାହ୍ନ ସାଢେ ୪ଟାରେ ଛାତ୍ରୀଛାତ୍ରମାନେ ଧାରଣାରୁ ଉଠିବା ସହ ମୁଖ୍ୟ ଫାଟକରୁ ତାଲା ଖୋଲିଥିଲେ। ବୁଧବାରଠାରୁ ଯୁକ୍ତ ୩ ଶ୍ରେଣୀର ୧ମ ବର୍ଷ ଛାତ୍ରୀଛାତ୍ରଙ୍କର ୟୁନିଭରସିଟି ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଯୁକ୍ତ ୨ ଶ୍ରେଣୀର ୧ମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଚାଲୁ ରହିଛି। ଆସନ୍ତା ୧୬ ତାରିଖଠାରୁ ଯୁକ୍ତ ୨ ଶ୍ରେଣୀର ୨ବର୍ଷ ଛାତ୍ରୀଛାତ୍ରଙ୍କର ପରୀକ୍ଷା ଆରମ୍ଭ କରାଯିବ ବୋଲି ଅଧ୍ୟକ୍ଷ ଭୋଇ କହିଛନ୍ତି। ପ୍ରକାଶ ଯେ, ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଜନୈକା ଅଧ୍ୟାପିକା ମହାବିଦ୍ୟାଳୟର ଅଧ୍ୟାପକଙ୍କ ନାମରେ ଅଶ୍ଳୀଳ ଇଙ୍ଗିତ କରିଥିବା ସମ୍ପର୍କରେ ଥାନାରେ ଗତ ୩ ତାରିଖରେ ଲିଖିତ ଅଭିଯୋଗ କରାଯିବା ପରେ ଥାନାରେ ନଂ. ୩୯/୨୪ରେ ମାମଲା ରୁଜୁ ହୋଇଛି।

# ରାଜନଗର ନିର୍ବାଚନମଣ୍ଡଳୀକୁ ୨. ୪୦ କୋଟି

### ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା

**ରାଜନଗର, ୬।୨ (ଭାସ୍କର ରାଉତରାୟ)**

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ରାଜନଗର ନିର୍ବାଚନମଣ୍ଡଳୀର ୫୬ଟି ପ୍ରକଳ୍ପ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଡିସେମ୍ବର ୧୮ରେ ରାଜନଗର ଗସ୍ତରେ ଆସିଥିଲେ। କେରେଡାଗଡ଼ଠାରେ ନିର୍ମାଣାଧୀନ କେରେଡାଗଡ-ଏକମାଣିଆ ସେତୁ କାର୍ଯ୍ୟର ସମୀକ୍ଷା କରିବା ସହ ସାଧାରଣ ସଭାରେ ଯୋଗଦେଇ ରାଜନଗର ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଦିଆଯାଇଥିବା ଅନୁଦାନର ହିସାବ ଦେଇଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନ୍‌ଙ୍କ ଏହି ଗସ୍ତ ସମୟରେ ବିଭିନ୍ନ ମଠ, ମନ୍ଦିର ଓ ଅନୁଷ୍ଠାନର କର୍ମକର୍ତ୍ତା ଉନ୍ନତୀକରଣ ପାଇଁ ଆବେଦନପତ୍ର ଦେଇଥିଲେ। ସେହିସବୁ ଆବେଦନପତ୍ରକୁ ବିଚାରକୁ ନେଇ ରାଜନଗର ନିର୍ବାଚନମଣ୍ଡଳୀକୁ ୨ କୋଟି ୪୦ ଲକ୍ଷ ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରୁ ମଞ୍ଜୁର କରାଯାଇଛି।

# ୧୬ରେ ଧର୍ମଘଟ ସଫଳ ପାଇଁ ପ୍ରସ୍ତୁତି ବୈଠକ




ବୈଠକରେ ଯୋଗଦେଇଥିବା ଅତିଥିମାନେ।

**କେନ୍ଦ୍ରାପଡ଼ା, ୬।୨ (ଜଗନ୍ନାଥ ଧଳ)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତି ଓ ଯୋଜନା ପ୍ରଣୟନକୁ ବିରୋଧ କରି ଆସନ୍ତା ୧୬ ତାରିଖରେ ସମଗ୍ର ଦେଶରେ ହରତାଳ ଓ ଧର୍ମଘଟ ହେବ। ଏହି ଆଭିମୁଖ୍ୟରେ କେନ୍ଦ୍ରାପଡ଼ା ଜିଲାର ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ, ସ୍ୱାଧୀନ ଫେଡେରେଶନ ସମୂହ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସହରର ପବ୍ଲିକ ରିଡିଂ ରୁମଠାରେ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ଆବାହକ ଗୟାଧର ଧଳ କହିଛନ୍ତିଯେ, କେନ୍ଦ୍ର ସରକାର ସର୍ବଦା କର୍ପୋରେଟ ସପକ୍ଷବାଦୀ ନୀତି ଧରିଛନ୍ତି। ଦେଶର କୃଷକ, ଶ୍ରମିକଙ୍କଠାରୁ ଆରମ୍ଭ କରି ନିମ୍ନ ଆୟରେ ଥିବା ଜନସାଧାରଣ ଏହାର କୁଫଳ ଭୋଗୁଛନ୍ତି। ଏହି ସରକାରଙ୍କ ଶାସନରେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ସ୍ଥିତି ଭୁଶୁଡି ପଡ଼ିଛି। କର୍ପୋରେଟ ହାଉସ୍‌କୁ ଋଣ ଛାଡ଼ କରୁଥିବା ବେଳେ ସାଧାରଣ ଚାଷୀ କରଜ ଶୁଝି ନ ପାରି ଆତ୍ମହତ୍ୟା କରୁଛନ୍ତି। ଜନସାଧାରଣଙ୍କ ଉପରେ ଅଯଥା ଟିକସ ବଢୁଛି। ଶ୍ରମିକଙ୍କୁ କାମ ମିଳୁନାହିଁ। ଶିକ୍ଷିତ କର୍ମ ନିଯୁକ୍ତି ଆଶାୟୀ ନିରାଶ ହେଉଛନ୍ତି। ଏସବୁ ନୀତି ଓ ନିୟମକୁ ବିରୋଧ କରି ଆସନ୍ତା ୧୬ରେ ଦେଶବ୍ୟାପୀ ଧର୍ମଘଟ ହେବ। କେନ୍ଦ୍ରାପଡ଼ା ଜିଲାରେ ଏହି ଧର୍ମଘଟକୁ ସଫଳ କରିବାକୁ ପ୍ରସ୍ତୁତି ସରିଥିବା ସେ ପ୍ରକାଶ କରିଛନ୍ତି। ଏହି ବୈଠକରେ ମୋର୍ଚ୍ଚା, ମିଳିତ ମଞ୍ଚ ଓ ଫେଡେରେଶନ ସମୂହର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଜଗତଜୀବନ ଦାଶ, ଆଦିକନ୍ଦ ରାଉଳ, ନିର୍ମଳ ନାୟକ, ରମଣୀରଞ୍ଜନ ରାଉତରାୟ, ପ୍ରଫୁଲ୍ଲ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଗାଁରେ ବିକାଶର ବାର୍ତ୍ତା ପହଞ୍ଚିଛି

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ବ୍ଲକ ଅଧୀନ ଦେଉଳପଡ଼ା ପଞ୍ଚାୟତରେ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

**ମହାକାଳପଡା, ୬।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ ମହିଳା ସଶକ୍ତୀକରଣ, ମିଶନ ଶକ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, କୃଷକ କଲ୍ୟାଣ ଯୋଜନା, ଘରେ ଘରେ ଶୁଦ୍ଧ ପାନୀୟ ଜଳ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କେନାଲ ଜଳସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ, ବିଜୁ ସ୍ୱାସ୍ଥ୍ୟ କାର୍ଡ, ବିପର୍ଯ୍ୟୟ ପରିଚାଳନାରେ ଦେଶରେ ପ୍ରଥମ। ସେହିପରି ବିଭିନ୍ନ ମନ୍ଦିର ରୂପାନ୍ତକରଣ ଯୋଜନା ଭଳି ଅନେକ ଯୋଜନା ଗାଁର ତୃଣମୂଳସ୍ତରରେ ମଜଭୁତ ହୋଇଛି। ଫଳରେ ଗାଁରେ ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚିଥିବା ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ମଙ୍ଗଳବାର ବ୍ଲକର ସ୍ଥାନୀୟ ଦେଉଳପଡ଼ା ପଞ୍ଚାୟତ ସମ୍ମୁଖରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିବେଦିତା ଦାସଙ୍କ ସଭାପତିତ୍ୱରେ ହୋଇଥିବା ଶିବିରରେ ପୂର୍ବତନ ସରପଞ୍ଚ ଦେବଦତ୍ତ ପରିଡ଼ା, ସମିତି ସଭ୍ୟ ସରୋଜ ପରିଡ଼ା, ପ୍ରଣୟ କେତନ ଚୌଧୁରୀ, ପ୍ରଭାତ ଜେନା, ପଣ୍ଡିତ ନିରଞ୍ଜନ ମିଶ୍ର, ବୁଦ୍ଧିଜୀବୀ ଓ ବହୁସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ। ସରକାରଙ୍କ ସଫଳ ଯୋଜନାକୁ ସଙ୍ଗୀତ, ଘୋଡ଼ାନାଚ ଓ ପାଲା ମାଧ୍ୟମରେ କଳାକାରମାନେ ପ୍ରଦର୍ଶନ କରିଥିଲେ।

ଅନୁରୂପ ଭାବେ ବିଜୟନଗର ପଞ୍ଚାୟତ ହାଇସ୍କୁଲ ପଡ଼ିଆଠାରେ ସରପଞ୍ଚ ରୂପସ୍ୱିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂକ୍ରାନ୍ତରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ନାରୀନେତ୍ରୀ ସୁରଭି ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟା ନଳିନୀପ୍ରଭା ଚୌଧୁରୀ, ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ସାହୁଙ୍କ ସମେତ ବହୁସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଡେରାବିଶ, ୬।୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ଅବିଭକ୍ତ କୁଶିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଥୁରାନନ୍ଦ ସାହୁ (୭୬)ଙ୍କ ଗୁଆଳସିଂ ପଞ୍ଚାୟତ ବାଜିପଡ଼ାସ୍ଥିତ ବାସଭବନରେ ସୋମବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମଥୁରାନନ୍ଦ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ଅବିଭକ୍ତ କୁଶିଆପାଳ ସରପଞ୍ଚ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟକରି ଲୋକପ୍ରିୟ ହୋଇଥିଲେ। ମଙ୍ଗଳବାର ମଥୁରାନନ୍ଦଙ୍କ ମୃତଦେହକୁ ସାମାଜିକ କର୍ମୀ ଦିଲୀପ କୁମାର ଦାସ, ପୂର୍ବତନ ସମିତିସଭ୍ୟ ସରୋଜକାନ୍ତ ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ କୁଶିଆପାଳ ଓ ଗୁଆଳସିଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ନିଆଯାଇଥିଲା। ସେଠାରେ ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ, ସମିତିସଭ୍ୟ ନୀଳମଣି ନାଥ, ପୂର୍ବତନ ସରପଞ୍ଚ ବଟକୃଷ୍ଣ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସରପଞ୍ଚ ଦୟାନିଧି ଦାସ, ସମବାୟବିତ୍ ନାରାୟଣ ପ୍ରସାଦ ପାତ୍ର ପ୍ରମୁଖ ଶେଷ ଦର୍ଶନ କରିବା ସହ ମଥୁରାନନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ନିଜ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଜିଲା ଯୁବ ପ୍ରତିଭା ମହୋତ୍ସବ

**ମାର୍ଶାଘାଇ,୬।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**



କୃତୀ ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ସଙ୍ଗୀତ ବିଦ୍ୟାଳୟ ସାଇନାଥ କଳା ପରିଷଦର ୧୩ତମ ବାର୍ଷିକ ଉତ୍ସବ ଓ ଜିଲା ଯୁବ ପ୍ରତିଭା ମହୋତ୍ସବ ଅଙ୍ଗୁଳାଇ ଖୁସି ମଣ୍ଡପଠାରେ ପାଳିତ ହୋଇଯାଇଛି। ଗାୟକ ସୂର୍ଯ୍ୟ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପର୍ଶୁରାମ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର. ମୁଖ୍ୟବକ୍ତା କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ମା' ସୁଧାଂଶୁବାଳା ଯୋଗ ଦେଇଥିଲେ। ମାର୍ଶାଘାଇ ବ୍ଲକ ଉପସଭାପତି ସୁରେନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋଷଧକ୍ଷ ପ୍ରସନ୍ନ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଜିଲା ରାଜ୍ୟ ତଥା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ୯ଟି ବ୍ଲକର ଭାଗବତ ଟୁଙ୍ଗୀର ମୁରବୀମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସୁବ୍ରତ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ସଭାପତି ଜୟଶ୍ରୀ ପତି ଧନ୍ୟବାଦ ଦେଇଥିଲେ।

### ଭାଜପାର ଗାଁକୁ ଚାଲ ଅଭିଯାନ

**ରାଜକନିକା,୬।୨ (ସଞ୍ଜୟ କୁମାର ଦାଶ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ସନ୍ଦେଶକୁ ଘରେ ଘରେ ପହଞ୍ଚାଇବାକୁ ପ୍ରୟାସ ଜାରି ରଖି ଭାଜପା ପକ୍ଷରୁ ଆରମ୍ଭ ହୋଇଛି ଗାଁକୁ ଚାଲ ଅଭିଯାନ କର୍ମଶାଳା। ଏହିକ୍ରମରେ ଆଳି ନିର୍ବାଚନମଣ୍ଡଳୀ ପୂର୍ବ କନିକା ମଣ୍ଡଳ ଜୟନଗର ରିସର୍ଟଠାରେ ଗାଁକୁ ଚାଲ ଅଭିଯାନର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୨୯ନଂ. ଜୋନ ମଣ୍ଡଳ ସଭାପତି ନୀହାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କର୍ମଶାଳାରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଆଳି ନିର୍ବାଚନମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରା, ଆଶାଲତା ପଟ୍ଟନାୟକ, ଗାଁକୁ ଚାଲ ଅଭିଯାନର ସଂଯୋଜକ କୁମାରାଣୀ ଦୁର୍ଗାଦେବୀ ସିଂ, ବରିଷ୍ଠ ନେତା ପ୍ରାଧ୍ୟାପକ ୨୭ନଂ. ଜୋନ ସଭାନେତ୍ରୀ ଅନୁରାଧା ସାମଲ, ୨୮ନଂ. ଜୋନ ସଭାପତି ରାଜେନ୍ଦ୍ର କୁମାର ସାମଲ ପ୍ରମୁଖଙ୍କ ଉପସ୍ଥିତିରେ ଯୁବନେତା ନୀହାର ରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜନହିତକର ସନ୍ଦେଶକୁ ଗାଁରେ ପହଞ୍ଚାଇବାକୁ ପ୍ରଶିକ୍ଷଣ ଦିଆଯାଇଛି।

# ଗଣିତ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

### ପଟ୍ଟାମୁଣ୍ଡାଇ କଲେଜ

**ପଟ୍ଟାମୁଣ୍ଡାଇ,୬।୨ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଗଣିତ ବିଭାଗ ପକ୍ଷରୁ 'ଷ୍ଟୋକାଷ୍ଟିକ ପ୍ରୋସେସ୍ ଓ କମ୍ପ୍ଲେକ୍ସ ଡିନାମିକସ' ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଭୁବନେଶ୍ୱର ଆଇଆଇଟି ପ୍ରଫେସର ଡ. ତାରାକାନ୍ତ ନାୟକ ମୁଖ୍ୟ ଆଲୋଚକ ଓ ଭୁବନେଶ୍ୱର ଆଇଆଇଟିର ସହକାରୀ ପ୍ରଫେସର ଡ. ଆକାଶ ଆଶୀର୍ବାଦ ପଣ୍ଡା ସହକାରୀ ଆଲୋଚକ ଭାବେ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ଡ. ନାୟକ କମ୍ପ୍ଲେକ୍ସ ଡିନାମିକସର ମୂଳତତ୍ତ୍ୱ ବିଷୟରେ ଆଲୋଚନା ପୂର୍ବକ ପିଲାମାନଙ୍କ ସହ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଡ. ପଣ୍ଡା ଷ୍ଟୋକାଷ୍ଟିକ ପ୍ରୋସେସ୍‌ର ବିଭିନ୍ନ ତତ୍ତ୍ୱଭିତ୍ତିକ ପ୍ରୟୋଗର ବ୍ୟାଖ୍ୟା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ସ୍ୱାଗତ ଭାଷଣ ଦେବା ସହ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ଡ. ନିର୍ମଳ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟର ବିଭିନ୍ନ କଲେଜର ଗଣିତ ବିଭାଗର ପ୍ରାଧ୍ୟାପକ ବିପିନ ବିହାରୀ ନାଥ , ବିଶ୍ୱନାଥ ନାୟକ, ନିରଞ୍ଜନ ନାୟକ, କାଞ୍ଚନ ସାହୁ, ସନ୍ଦୀପ ମହାପାତ୍ର, ଶିବ ଚରଣ ଦାସ, ରତ୍ନାକର ସାହୁ, ରତିକାନ୍ତ ଲେଙ୍କା, ଡ. ଅରୁଣ କୁମାର ତ୍ରିପାଠୀ, ଅମରେନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଭ୍ୟନ୍ତରିକ ଗୁଣବତ୍ତା କମିଟିର ସଂଯୋଜକ ପ୍ରାଧ୍ୟାପକ ଡ. ସୁନୀଲ କୁମାର ପ୍ରଧାନ, ପ୍ରାଧ୍ୟାପକ ଫକୀର ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ରଞ୍ଜନ କୁମାର ଗାହାଣ, ଅଧ୍ୟାପକ ଆଲୋକ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଓଡ଼ିଶା-ମୋ ପରିବାର ସହଯୋଗରେ ବେଙ୍ଗାଲୁରୁରୁ ଓଡ଼ିଶାକୁ ଫେରିଲା ମୃତଦେହ

**ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)**

ବେଙ୍ଗାଲୁରୁରୁ ଓଡ଼ିଶାକୁ ମୃତଦେହ ଫେରାଇ ଆଣିବାରେ ପୁଣି ସହଯୋଗର ହାତ ବଢାଇଛି ଓଡ଼ିଶା-ମୋ ପରିବାର। କେନ୍ଦ୍ରାପଡ଼ା ଜିଲା ରାଜନଗର ସନ୍ଥପଡା ଗ୍ରାମର ୩୮ବର୍ଷୀୟ ଶ୍ରୀକାନ୍ତ କୁମାର ମହାନ୍ତି ବେଙ୍ଗାଲୁରୁରେ କାମ କରୁଥିଲେ। କିଛିଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା, ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଏକମାତ୍ର ରୋଜଗାରକ୍ଷମ ସଦସ୍ୟଙ୍କୁ ହରାଇ ପରିବାର ଲୋକେ ଭାଙ୍ଗିପଡିଥିବାବେଳେ ସମ୍ବଳ ନ ଥିବାରୁ ମୃତଦେହକୁ ନିଜ ଗାଁକୁ ଫେରାଇ ଆଣିବା ପାଇଁ ଓଡ଼ିଶା ମୋ ପରିବାରର ସହାୟତା ଲୋଡ଼ିଥିଲେ। ଓଡ଼ିଶା-ମୋ ପରିବାର ତରଫରୁ ବେଙ୍ଗାଲୁରୁରେ ବସବାସ କରୁଥିବା ସାମାଜିକ କର୍ମୀ ସଂଜୟ ଦାଶଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲା। ତାଙ୍କ ତତ୍ତ୍ୱାବଧାନରେ ଶ୍ରୀକାନ୍ତଙ୍କ ମୃତଦେହକୁ ଓଡ଼ିଶା ଫେରାଇ ଆଣିବାକୁ ଚେଷ୍ଟା କରାଯାଇଥିଲା। ଅପରପକ୍ଷେ ରାଜ୍ୟ ସରକାରଙ୍କ ଓଡ଼ିଶା ପରିବାର ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କୁ ମଧ୍ୟ ଏହି ବିଷୟରେ ଅବଗତ କରାଯାଇଥିଲା। ରାଉତରାୟ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ତଥା କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ସମନ୍ୱୟରେ ଶ୍ରୀକାନ୍ତଙ୍କ ମୃତଦେହ ମଙ୍ଗଳବାର ସକାଳ ୯ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା-ମୋ ପରିବାର ଏବଂ ଓଡ଼ିଶା ପରିବାରର ପ୍ରତିନିଧିଙ୍କ ଉପସ୍ଥିତିରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏଥିସହ ମୃତଦେହର ଅନ୍ତିମ ସଂସ୍କାର ଲାଗି ଭୁବନେଶ୍ୱରରୁ ସନ୍ଥପଡ଼ାକୁ ଯିବା ପାଇଁ ଓଡ଼ିଶା-ମୋ ପରିବାର ପକ୍ଷରୁ ଯାତାୟାତ ବ୍ୟବସ୍ଥା କରାଯାଇଥିଲା।

### ରାଜା ସ୍ମାରକୀ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏମ୍‌ଟିସିଟି ଗୋଷଣଦେଇପୁର ଚାମ୍ପିୟନ

**ଜଗତ୍‌ସିଂହପୁର, ୬।୨ (ପ୍ରମୋଦ କୁମାର ନାୟକ)**



ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

ଜଗତ୍‌ସିଂହପୁର ଗୋପାଳସାଗରଠାରେ ଆଜାଦ କ୍ଲବ ଖେଳପଡ଼ିଆ ପରିସରରେ ଚାଲିଥିବା ୧୪ତମ ରାଜା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏମ୍‌ଡିସିସି ଅଳାଭଳକୁ ହରାଇ ଏମ୍‌ଟିସିଟି ଗୋଷଣଦେଇପୁର ଚାମ୍ପିୟନ ହୋଇଛି। ଟସ୍ ଜିତି ଏମ୍‌ଡିସିସି ଅଳାଭଳ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦଳ ୬ ଓଭରରେ ୭ ଉଇକେଟ ହରାଇ ୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ପ୍ରକାଶ ସର୍ବାଧିକ ୧୦ ରନ କରିଥିଲେ। ୩୧ ରନ ପିଛା କରି ଏମ୍‌ଟିସିଟି ଗୋଷଣଦେଇପୁର ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଫଳରେ ଏହି ଦଳ ୪ ଓଭର ୨ଟି ବଲରେ ବିଜୟ ଲକ୍ଷ୍ୟ ପୂରଣ କରି ଚାମ୍ପିୟନ ହୋଇଛି। ଦଳ ପକ୍ଷରୁ ଅଭିଷେକ ବ୍ୟକ୍ତିଗତ ୧୬ ରନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ କାଜୁ ନିଗମ ପୂର୍ବତନ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଅର୍ଥରାଶି ଓ ଉପବିଜେତା ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୁସ୍ଥାନ ସ୍ପୋର୍ଟିଂର ସଭାପତି ସମୀର ଲେଙ୍କା, ଜଗତ୍‌ସିଂହପୁର ପୌର ପରିଷଦ ୭ନଂ. ୱାର୍ଡ ପାରିଷଦ ଗୋଲାମ ଅଲ୍ଲୀ ଖାନ, ୧୭ନଂ. ୱାର୍ଡ ପାରିଷଦ ଦେବାଶିଷ ସ୍ୱାଇଁ, ଅଧ୍ୟାପକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ବିଦ୍ୟୁଭୂଷଣ ଦାସ, ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ବିଜେଡି ଯୁବ ସଙ୍ଗଠକ ହିମାଂଶୁ ସେଠୀ ପ୍ରମୁଖ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଅଭିଷେକ, ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ମୋଜାଇଲ, ଶ୍ରେଷ୍ଠ ଫିଲ୍ଡର ଅଭିଷେକ, ଶ୍ରେଷ୍ଠ ଉଇକେଟ୍ କିପର ବନ୍ଧନ, ଇନିଂସ ଅଫ ଦି ଟୁର୍ଣ୍ଣାମେଣ୍ଟ ମୋଜାଇଲ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପପୁ, ଶ୍ରେଷ୍ଠ ବୋଲର ବିଶ୍ୱନାଥଙ୍କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବୁଢ଼ା ବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ୫୦୧ ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ତର୍ଯାମୀ ବାରିକ ଓ ସ୍ୱାଧୀନ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ସୁବାସ ବିଶ୍ୱାଳ ଓ ସୌରଭ ଭାଷା ବିବରଣୀ ଦେଇଥିଲେ। ସ୍କୋରର ଭାବେ ସତ୍ୟଜିତ ଗୋଛାୟତ ଓ ଅନ୍ତର୍ଯାମୀ ସେଠୀ ଥିଲେ। ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଦଳର ନରେନ୍ଦ୍ର ବେହେରା, ସଞ୍ଜୀବ ସାହୁ, ବିଶ୍ୱଜିତ ବେଉରା, ସତ୍ୟଜିତ ଗୋଛାୟତ, ଅମିୟ ସ୍ୱାଇଁ, ସୌମ୍ୟ ରଞ୍ଜନ ସାହୁ, ଆଦିତ୍ୟ ରାୟ, ରାକେଶ ସିଂ ଓ ରମାକାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦେଓମାଳି ପର୍ବତରେ ତ୍ରିରଙ୍ଗା ଉଡ଼ାଇ ଚର୍ଚ୍ଚାରେ ଉଦିତ



ଗଞ୍ଜାମ,୬।୨(ବିଦ୍ୟାଧର ସାହୁ)
ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ଗ୍ରାମ ଚନ୍ଦ୍ରଶେଖର ସାହିର ସୁକାନ୍ତ ବିଶ୍ୱାଳଙ୍କ ପୁତ୍ର ଉଦିତ (୧୭) ଦେଓମାଳି ପର୍ବତ ଶିଖରରେ ପହଞ୍ଚି ଭାରତୀୟ ଜାତୀୟ ପତାକା ତ୍ରିରଙ୍ଗା ଉଡ଼ାଇ ଚର୍ଚ୍ଚାରେ ଥିବା ଜଣାପଡିଛି, ଯାହାକୁ ନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ୧୬୭୨ ମିଟର ପର୍ବତ ଚଢ଼ି ଜଣେ ଯୁବ ପର୍ବତ ଚଢାଳି ଭାବେ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସାହସିକତା ସ୍ଥାନୀୟ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି। ସେ ବର୍ତ୍ତମାନ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ଗୋପାଳକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଆଇଡବ୍ଲ୍ୟୁଆର ଫାଉଣ୍ଡେଶନ ଜାମସେଦ୍‌ପୁର, ଝାଡ଼ଖଣ୍ଡ ଇଣ୍ଡିଆ ତରଫରୁ ମାନପତ୍ର ପ୍ରଦାନ କରାଯାଇଛି।

### ପଞ୍ଚ ମହାଯଜ୍ଞ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୬।୨(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ବ୍ଲକ ଚଢ଼େୟା ଗରଦ ଗ୍ରାମରେ ମା ଦୁଆରଶୁଣି ମନ୍ଦିର ପ୍ରତିଷ୍ଠା ନିମନ୍ତେ ୨୨ ତାରିଖରେ ପଞ୍ଚ ମହାଯଜ୍ଞ ଆୟୋଜନ କରାଯିବ। ଏହାକୁ ସଫଳ କରିବାକୁ ମଙ୍ଗଳବାର ମରେଇବାଡ଼ି ଗ୍ରାମସ୍ଥିତ ଖେମୁଣ୍ଡି କାଲୁଆ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଚଢ଼େୟା ଗରଦ, ଡମ୍ବୁରୁ ମଲିକ, ନକୁଳ ମଲ୍ଲିକ, ଦଉ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ପାଣ ମଲ୍ଲିକ, ଦଣ୍ଡପାଣି ମଲ୍ଲିକ, ହରି ମଲ୍ଲିକ, ନୀର ମଲ୍ଲିକ, ତ୍ରିନାଥ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ସାଧୁ ମଲ୍ଲିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### କ୍ଲକ୍ ଟାୱାର ଲୋକାର୍ପିତ



ବୁଗୁଡ଼ା,୬।୨(କାଳିଚରଣ ଦାଶ)
ବୁଗୁଡ଼ା ଏନ୍‌ଏସି ୭ ନଂ. ୱାର୍ଡ ଅନ୍ତର୍ଗତ ମଦନମୋହନ ଛକରେ ସ୍ଥାପିତ କ୍ଲକ୍ ଟାୱାର ଲୋକାର୍ପିତ ହୋଇଯାଇଛି। କାଉନସିଲର ଆଶୁତୋଷ ବଡେଇଙ୍କ ପ୍ରସ୍ତାବକ୍ରମେ ମୁକ୍ତା ଅନୁଦାନରେ ନିର୍ମିତ ଉକ୍ତ କ୍ଲକ୍ ଟାୱାରକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦଘାଟନ କରିବା ସହ ଏହାର ନିମ୍ନ ଭାଗରେ ସ୍ଥାପିତ ମଦନ ମୋହନ ପାଣିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀଙ୍କ ସମେତ ଅନ୍ୟାନ୍ୟ କାଉନସିଲର, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଗଣ ଏବଂ ସହରବାସୀ ଉପସ୍ଥିତ ରହିଥିଲେ।

### ଆତ୍ମସୁରକ୍ଷା କୌଶଳ ତାଲିମ ଉଦ୍‌ଯାପିତ

ଛତ୍ରପୁର, ୬।୨(ଦିଲୀପ ସାମଲ) :
ଛତ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ବହୁ ସଂଖ୍ୟକ ଛାତ୍ରୀମାନେ ଭାଗ ନେଇଥିଲେ। ଏହି ଅବସରରେଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ଭାବରେ ଟି.ସରସ୍ୱତୀ ଓ ସଂଗୀତା କୁମାରୀ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସଂଯୋଜିକା ଡଃ ଆରତୀ କୁମାରୀ ପଣ୍ଡା, ଡ. ଶାନ୍ତିଲତା ବେହେରା, ଡ. ମିଳିମିତା ପାଢ଼ୀ, ଦୁର୍ଗାବାଳା ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।

# ମୃତକଙ୍କ ପରିବାରକୁ ଏଯାଏ ମିଳିନି ସହାୟତା

## କୋଭିଡ୍ ଯୋଦ୍ଧାଙ୍କ କଥା ଭୁଲିଗଲେ

ବୁଗୁଡ଼ା,୬।୨(କାଳିଚରଣ ଦାଶ)

କୋଭିଡ୍ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ଜୀବନକୁ ବାଜି ଲଗାଇ କାମ କରିଥିଲେ। ପ୍ରବାସୀ ଶ୍ରମିକଙ୍କ ସଂଘରୋଧ ତଦାରଖ, ଘର ଘର ବୁଲି ସଚେତନତା, ଲକ୍‌ଡାଉନ୍ ସମୟରେ ଶିକ୍ଷାଦାନ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଉଥିବାରୁ ସେମାନଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରିଥିଲେ। ଉତ୍ସର୍ଗିକୃତ ସେବା ପ୍ରଦାନ ବେଳେ କରୋନା ସଂକ୍ରମିତ ହୋଇ ପ୍ରାଣ ହରାଇଥିବା ଜଣେ କୋଭିଡ ଯୋଦ୍ଧା ଶିକ୍ଷକଙ୍କ ପରିବାର ଏବେ ଦୁଃଖକଷ୍ଟରେ ଦିନ କାଟୁଛନ୍ତି।

ବୁଗୁଡ଼ା ବ୍ଲକ ମଉଝରି ଗ୍ରାମର ରବୀନ୍ଦ୍ରନାଥ ସେନାପତି ଡାକରଡ଼ା ଭଗବତ ସ୍ୱାମୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ କୋଭିଡ ସମୟରେ ନିଜ କାର୍ଯ୍ୟ ତୁଲାଇବା ବେଳେ



ଅସହାୟ ମା ଓ ପୁଅ।

କରୋନା ସଂକ୍ରମିତ ହୋଇ ୨୦୨୦ ଅଗଷ୍ଟ ୧୬ ତାରିଖରେ ପ୍ରାଣ ହରାଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦିବଂଗତ ଶିକ୍ଷକଙ୍କ ପରିବାରକୁ କୋଭିଡ ମୃତ୍ୟୁ ଜନିତ ପ୍ରମାଣପତ୍ର ମିଳିଥିଲେ ମଧ୍ୟ ଏ ଯାବତ କୌଣସି ସରକାରୀ ସୁବିଧା ମିଳି ନ ଥିବା ଜଣାପଡିଛି। ତାଙ୍କ ସ୍ତ୍ରୀ ଓ ପୁଅ ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଏ ସମ୍ପର୍କରେ ଅବଗତ କରାଇଥିଲେ ବି କୌଣସି ସୁଫଳ ମିଳିପାରିନାହିଁ। ପରିତାପର ବିଷୟ ରାଜ୍ୟ ସରକାରଙ୍କ ତ୍ୱରିତ ଅଭିଯୋଗ ସମାଧାନ ପାଇଁ ଚାଲୁରହିଥିବା ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିକଟରେ କୋଭିଡ- ୧୯ ମୃତ୍ୟୁ ସରକାରୀ ଆର୍ଥିକ ସହାୟତା, ପେନସନ ସୁବିଧା ସହିତ ପୁନଃ ଥଇଥାନ ପ୍ରକ୍ରିୟାରେ ନିଯୁକ୍ତି ନିମନ୍ତେ ଗତ ଜୁଲାଇ ୨୦ ତାରିଖରେ ଅଭିଯୋଗ ଦାଖଲ ହୋଇଥିବା ବେଳେ ବିଭାଗୀୟ ସଚିବଙ୍କ ନିକଟରେ ଏହା ଏ ପର୍ଯ୍ୟନ୍ତ ପଡ଼ିରହିଛି। କେବଳ ଏତିକି ନୁହଁ ଏହାର ସମାଧାନ ପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ଦାଖଲ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ସୂଚନା ଅଧିକାର କର୍ମୀ କୃଷ୍ଣ ଚନ୍ଦ୍ର ଡାକୁଆ ସୂଚନା ତଥ୍ୟ ଲଗାତାର ମାଗିବା ପରେ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ଯେ,ଏହି କାର୍ଯ୍ୟାଳୟ ଅଧିନ କୌଣସି କର୍ମଚାରୀଙ୍କ କୋଭିଡଜନିତ ମୃତ୍ୟୁ ହୋଇନାହିଁ ଏବଂ ସେହିଭଳି କୌଣସି ସୂଚନା ଉପଲବ୍ଧ ନାହିଁ। ଏହା ଜାଣିବା ପରେ ଧାର କରଜରେ ଚଳୁଥିବା ଦିବଂଗତ ଶିକ୍ଷକଙ୍କ ସ୍ତ୍ରୀ ଓ ପୁଅ ଭାଙ୍ଗି ପଡିଛନ୍ତି। ସମସ୍ତଙ୍କ ଠାରୁ ନିରାଶ ହୋଇ ଶେଷରେ ସରକାରୀ ସହାୟତା ପାଇବା ନିମନ୍ତେ ଗତ ୨ ତାରିଖରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏବଂ ଜିଲାପାଳଙ୍କୁ ପୁନଃ ଲିଖିତ ଅଭିଯୋଗ ଜଣାଇଛନ୍ତି।

# ଯୁବପିଢ଼ିଙ୍କ ପାଇଁ ଲଡୁବାବୁ ଥିଲେ ଆଦର୍ଶ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୬।୨(ସୁରେନ୍ଦ୍ର ନାଥ ସାହୁ)

ଆସିକାର ଦିବଂଗତ ଏମ୍‌ପି ଲଡୁ କିଶୋର ସ୍ୱାଇଁ ଯୁବପିଢି ପାଇଁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଥିଲେ। ଶାନ୍ତ ସରଳ ଓ ଦୃଢ ଇଚ୍ଛାଶକ୍ତି ସାଙ୍ଗକୁ ସାଂଗଠନିକ ଦକ୍ଷତାରେ ସେ ସରପଞ୍ଚ ଠାରୁ ଆରମ୍ଭ କରି ଏମ୍‌ପି ହୋଇପାରିଥିଲେ। ଯୁବପିଢି ସ୍ୱାଇଁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ଏହା ହିଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଲଡୁବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ ବକ୍ତାମାନେ କହଛନ୍ତି।

ସୋମବାର ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ସ୍ୱର୍ଗତ ସ୍ୱାଇଁଙ୍କ ପୈତୃକ ଗ୍ରାମ ପଥରା ଠାରେ ଲଡୁ ବାବୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ସ୍ୱାଇଁଙ୍କ ସ୍ତ୍ରୀ ତଥା ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ, ଗଞ୍ଜାମ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ଯୁବନେତା ଭଗବାନ ସାହୁ, ଶିବ ନାହାକ, ଦିଲୀପ ପାଣିଗ୍ରାହୀଙ୍କ ସମେତ ବହୁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

# ସୂଚନା ଆଇନ ସମ୍ପର୍କିତ କର୍ମଶାଳା

ଛତ୍ରପୁର, ୬।୨(ଦିଲୀପ ସାମଲ):

ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ସୂଚନା ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନର ସହଯୋଗ କ୍ରମେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଜିଲାର ସମସ୍ତ ବିଭାଗର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନ ସୂଚନା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଯାଇଥିଲା। ସୂଚନା ଅଧିକାର ଆଇନ ପ୍ରକାରେ ସମସ୍ତ କାର୍ଯ୍ୟାଳୟଗୁଡିକର ତଥ୍ୟ ପ୍ରକାଶନ, କାର୍ଯ୍ୟଧାରା, ଲୋକଙ୍କ ନିମନ୍ତେ ପ୍ରଦତ୍ତ କରାଯାଉଥିବା ସଂପୃକ୍ତ କାର୍ଯ୍ୟାଳୟର ସେବା ଏବଂ ସେହି ସେବା କିଭଳି ପାଇବେ ସେଗୁଡିକର ତଥ୍ୟ ଅନ୍‌ଲାଇନ ମାଧ୍ୟମରେ କିଭଳି ପ୍ରକାଶନ କରିବେ ତାହା ଆଭାସି ଜରିଆରେ ରାଜ୍ୟ ସୂଚନା ଅଧିକାର



କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ।

ପରିଚାଳନା ଦିଗରେ କାର୍ଯ୍ୟ କରୁଥିବା ହର୍ଷ ପରିଚ୍ଛା ପ୍ରଶିକ୍ଷଣ ଦେଇଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ମାର୍ଗଦର୍ଶନ ପ୍ରକାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ କର୍ମଶାଳାରେ ଉପସ୍ଥିତ ରହି ପ୍ରଶିକ୍ଷଣର ଆବଶ୍ୟକତା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଆତ୍ମସୁରକ୍ଷା ତାଲିମ୍ ଉଦଯାପିତ

ବେଲଗୁଣ୍ଠା,୬।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):
ବେଲଗୁଣ୍ଠା ବ୍ଲକ୍ ଗୋବରା ସ୍ଥିତ ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷା ମାମା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା ଯୋଗ ଦେଇଥିବା ବେଳେ ନୋଡ଼ାଲ୍ ଅଧିକାରୀ କୈଳାସ ଚନ୍ଦ୍ର ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସୁରଭି ବେହେରା ଏବଂ ବର୍ଷାରାଣୀ ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବଉଲଗାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା



ଛତ୍ରପୁର, ୬।୨(ଦିଲୀପ ସାମଲ):

ଛତ୍ରପୁର ବ୍ଲକ ଅନ୍ତର୍ଗତ ବଉଲଗାଁ ପଞ୍ଚାୟତସ୍ତରୀୟ ଆମ ଓଡିଶା–ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ପ୍ରତିମା ଦାସ, ସମିତି ସଭ୍ୟ ରାମଚନ୍ଦ୍ର ପରିଡାଙ୍କ ସଭାପତିତ୍ୱ ଏବଂ ବିସିସି ବ୍ୟାଙ୍କ ଡାଇରେକ୍ଟର ଦୁର୍ଯ୍ୟୋଧନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଡ଼ିଓ ସୁଶାନ୍ତ କୁମାର ବରାଳ, ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ଜିଲାପରିଷଦ ସଭ୍ୟା ଛବିତା ବେହେରା ଓ ରଶ୍ମିତା ନାହାକ, ନାଏବ ସରପଞ୍ଚ ଅଶୋକ ମୁଦୁଲି, ଆଦିକନ୍ଦ ମହାରଣା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସନ୍ତୋଷ ମିଶ୍ର, ଚିରଞ୍ଜିବ ପରିଡା ପ୍ରମୁଖ ଯୋଗଦେଇଥିଲେ।

### ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ପାରଳାଖେମୁଣ୍ଡି, ୬।୨ (ଗିରିଧାରୀ ପରିଚ୍ଛା):
ଗଜପତି କାଶୀନଗର ବ୍ଲକ ସିଙ୍ଗିପୁରୁ ଗ୍ରାମର କାଜୁ ତୋଟାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତ ମହିଳା ଜଣଙ୍କ ହେଉଛନ୍ତି ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ବଲଧା ଗାଁର ଜେ.ସ୍ୱାତି । ଗାଁ ଲୋକେ ନିଜ ଜମିରେ କାମ ସାରି ଫେରୁଥିବା ସମୟରେ କାଜୁ ଜଙ୍ଗଲରୁ ମୃତଦେହ ଦେଖିବାକୁ ପାଇଥିଲେ। ଏହା ପରେ କାଶୀନଗର ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

# ରଜକ ସମାଜର ଘୁମୁସର ଜିଲା ଦାବି

ଭଞ୍ଜନଗର,୬।୨(ବାବୁଲା ପ୍ରଧାନ):

ଘୁମୁସର ତାଲୁକା ରଜକ ସମାଜ ପକ୍ଷରୁ ଘୁମୁସର ଜିଲା ଘୋଷଣା ଦାବି ନେଇ ମଙ୍ଗଳବାର ଭଞ୍ଜନଗର ମୁଖ୍ୟ ବଜାରରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଏକ ବିକ୍ଷୋଭ ସଭା ପରେ ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ସଂଘର କର୍ମକର୍ତ୍ତା ନାରାୟଣ ସେଠୀ, ଡମ୍ବୁରୁଧର ସେଠୀ, ରମେଶ ବେହେରା, ନୀଳାଚଳ ସେଠୀ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ



ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆନ୍ଦୋଳନକୁ ଘୁମୁସର ସାମ୍ବାଦିକ ସଂଘ, ଘୁମୁସର ଜିଲା କ୍ରିୟାନୁଷ୍ଠାନ କମିଟି, ଘୁମୁସର ବାହିନୀ ସମେତ ପ୍ରମୁଖ ସଂଗଠନ ସମର୍ଥନ କରିଥଲେ।

### ଗଞ୍ଜେଇ ସହ କାର ବାଇକ ଜବତ, ୨ ଗିରଫ

ମୋହନା,୬।୨(ମନ୍ମଥ ମିଶ୍ର)
ମୋହନା ପୋଲିସ ବିରିକୋଟ ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ବାଇକ୍ (ନଂ ଓଡି୨୦ସି୦୪୦୨)ରୁ ୩୦ କେଜି ଗଞ୍ଜେଇ ଜବତ କରିଛି। ବେଆଇନ୍ ଚାଲାଣ ଅଭିଯୋଗରେ ପାଲିସ ଅମର ମାଝୀ ଓ ଜିକରୀୟ ପାଣିଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ନଂ. ୩୧/୨୪ରେ ମାମଲା ରୁଜୁ କରି କାର, ବାଇକ ଓ ଗଞ୍ଜେଇକୁ ଜବତ କରିଛି। ପ୍ରକା ଥାଉକିପୋଲିସର ଏହିଯାଞ୍ଚ ଅଧିକରୁଅଧିକ ଚାଲୁ ରହିବ ବୋଲି ମୋହନା ଥାନାଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ସମୀକ୍ଷା



ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀକ୍ଷା କରୁଛନ୍ତି।

ଶେରଗଡ଼, ୬।୨(ସୂର୍ଯ୍ୟନାରାୟଣ ଦାଶ):
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୪ ତାରିଖରେ ଶେରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ମଙ୍ଗଳବାର ନୂତନ ଭାବେ ଯୋଗଦେଇ ଥିବା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା ଶେରଗଡ ବ୍ଲକ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଯାଇ ସଭାସ୍ଥଳ, ମଞ୍ଚସ୍ଥଳ ଦେଖିଥିଲେ। ପରେ ଆଦର୍ଶ ବିଦ୍ୟାଳୟର ଆବାସିକ ସମ୍ମୁଖ ଭାଗରେ ଥିବା ପଡିଆ ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ, ବିଡିଓ ଶିବାଶିଶ ବରାଳ, ଥାନା ଅଧିକାରୀ ବିରେନ୍ଦ୍ର ସିଆଳ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ପ୍ରଧାନ, ବନୋଜକାନ୍ତ ସେଠୀ, ଜଳ ପରିମଳ ସହକାରୀ ଯନ୍ତ୍ରୀ ମଳୟ ନାୟକ, ସଚିନ ପାଢୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବାହାଡ଼ାପଲ୍ଲୀ ବିଦ୍ୟାଳୟର ବାର୍ଷିକୋତ୍ସବ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରୁଛନ୍ତି ଅତିଥି ।

ରମ୍ଭା,୬।୨(ବନବାସୀ ସେଠୀ):
ରେଡ୍ଡୀ ବାହାଡାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ତଥା ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବି. ଅଭି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ଏବିଓ ସୁଶାନ୍ତ କୁମାର ନାୟକ ରହିଥିବା ବେଳେ ମୁଖ୍ୟବକ୍ତା ରମ୍ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି କନକା ସରପଞ୍ଚ ରେଖା କୁମାରୀ ଜାଲି, ସମିତିସଭ୍ୟା କବିତା ନାହାକ, ନାଏବ ସରପଞ୍ଚ ଏମ. ବାଉରିଆ ପ୍ରଧାନ, ପ୍ରାକ୍ତନ ସିଆରସିସି ପ୍ରଫୁଲ୍ଲ କୁମାର ଦାସ, ସାବୁଲିଆ ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁଶ୍ରୀ ଶର୍ମା, ଗୋପବନ୍ଧୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ୟାସୀ ଲେଙ୍କା, ସୁକାନ୍ତ କୁମାର ନାହାକ, ସିଆରସିସି ରବୀନ୍ଦ୍ର କୁମାର ନାହାକ, କନକା ମହିଳା ସ୍ୱାସ୍ଥ୍ୟ ସେବୀକା ରସବତୀ ପୃଷ୍ଟି, ଏମ.କାହ୍ନୁ ଚରଣ ପ୍ରଧାନ, ଭାଗ୍ୟ ନାହାକ, ରବି ନାୟକ ପ୍ରମୁଖ ଯୋଗଦେଇଥିଲେ।

# କାନ୍ଥ ସୂଚନାରେ ସ୍ୱଚ୍ଛତା ସୀମିତ, ଟୋଲ୍ ଫ୍ରି'ରୁ ଉତ୍ତର ମିଳୁନି

ବ୍ରହ୍ମପୁର,୬।୨ (ସ୍ମୃତି ରଞ୍ଜନ ମହାଳିକ):
ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ସମସ୍ତଙ୍କ କର୍ତ୍ତବ୍ୟ। 'ଆମ ସହର, ଆମ ଗର୍ବ' ଏଭଳି ବାର୍ତ୍ତା ନେଇ ବ୍ରହ୍ମପୁର ମହାନଗର ପକ୍ଷରୁ ସହରର ପ୍ରତି ୱାର୍ଡର କାନ୍ଥରେ ସୂଚନା ରହିଛି। ଉକ୍ତ ୱାର୍ଡର ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ୱାର୍ଡ ଅଫିସର ଓ ସାନିଟାରୀ ଇନିସପେକ୍ଟରଙ୍କ ନାମ ଓ ଫୋନ ନମ୍ବର ମଧ୍ୟ କାନ୍ଥରେ ଦିଆଯାଇଛି। ତେବେ ସହରର ସ୍ୱଚ୍ଛତା କେବଳ କାନ୍ଥ ସୂଚନାରେ ସୀମିତ ରହିଥିବା ପରିଲକ୍ଷିତ ହେଉଛି। ସୂଚନାଥାଉ କି, ବର୍ତ୍ତମାନ ବିଏମସି ପକ୍ଷରୁ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ନୂତନ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ଏଥିମଧ୍ୟରେ ପ୍ରତ୍ୟୁଷ, ସଫେଇ ଅଭିଯାନ ଓ ପିଏମ୍‌ଆର ଭଳି ଏଜେନ୍ସି ରହିଛି। ଏହି ଏଜେନ୍ସିଗୁଡିକୁ ୫ଟି ଜୋନ ଜରିଆରେ ରହିଥିବା ୱାର୍ଡ ଗୁଡିକୁ ସହରର ପରିମଳ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଥିସହ




ୱାର୍ଡ଼ କାନ୍ଥରେ ଉଦ୍ଦିଷ୍ଟ ସୂଚନା।

ବିଏମସି ପକ୍ଷରୁ ଆବର୍ଜନା ସଂଗ୍ରହ ଗାଡି ୫୩ ଓ ସଫେଇ କର୍ମଚାରୀଙ୍କ ସଂଖ୍ୟା ୧୩୩୪କୁ ବୃଦ୍ଧି କରାଯାଇଛି। ଗତ ମାସ ୨୬ ତାରିଖ ନୂତନ ଗାଡି ଉଦଘାଟନ ସହ ନୂଆ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ପରିମଳ ବାବଦକୁ ବର୍ଷକୁ ୨୯.୪୨ କୋଟି ଟଙ୍କା ଖର୍ଚ୍ଚ କରିବ ବୋଲି ନିଗମ ସୂଚନା ଦେଇଛି। ତେବେ କାର୍ଯ୍ୟ ଆରମ୍ଭରୁ ହିଁ ଏହା ବେଲଗାମ ହେଉଥିବା ଅଭିଯୋଗ ହୋଇଛି। ନିଗମର ୨୫ ନଂ ୱାର୍ଡ ଅନ୍ତର୍ଗତ ଅମ୍ବିକା ନଗର ପ୍ରଥମ ଲେନ୍ ହିଁ ଏହାର ଉଦାହରଣ ପାଲଟିଛି। ଏହି ଲେନ୍‌କୁ ଦୀର୍ଘ ଦିନ ଧରି ସଫେଇ କର୍ମଚାରୀମାନେ ଆସୁନାହାନ୍ତି। ଆବର୍ଜନା ବି ସଫେଇ ହେଉନାହିଁ। ଡ୍ରେନଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇ ରହିବାରୁ ନର୍ଦ୍ଦମା ଜଳ ନିଷ୍କାସନ ହୋଇନପାରି ମଶାଙ୍କ ପ୍ରାଦୁର୍ଭାବ ବଢ଼ିଛି। ଦୁର୍ଗନ୍ଧରେ ଅଞ୍ଚଳ ଦୂଷିତ ହୋଇପଡିଛି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଉକ୍ତ ୱାର୍ଡର ସାନିଟେସନ ଇନିସପେକ୍ଟରଙ୍କୁ ବାରମ୍ବାର ଅବଗତ କରାଗଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ନିଗମ ପକ୍ଷରୁ ଜାରି କରାଯାଇଥିବା ଟୋଲି ଫ୍ର ନଂ.୧୮୦୦୩୪୫୬୭୯ ବୈଧ ନ ଥିବା ବେଳେ ୧୪୪୨୦ ନଂ.ରେ ଫୋନ କଲେ କୌଣସି ଉତ୍ତର ମିଳୁନି। ସେହିପରି ଦାୟିତ୍ୱରେ କର୍ମଚାରୀଙ୍କୁ ଫୋନ କଲେ ବି କୌଣସି ଉତ୍ତର ମିଳୁନି। ଏପରିକି ଉକ୍ତ ୱାର୍ଡକୁ ଆସୁଥିବା ସଫେଇ କର୍ମଚାରୀଙ୍କୁ ଆବର୍ଜନା ଉଠାଇବା ପାଇଁ କହିଲେ ବି ସେମାନେ ଆବର୍ଜନା ଉଠାଉ ନ ଥିବା ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ଏଭଳି ଅବ୍ୟବସ୍ଥା ଲାଗିରହେ ତେବେ ସହରର ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଆବର୍ଜନା ସଫେଇ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

# କେନାଲ ନବୀକରଣରେ ଅନିୟମିତତା ଅଭିଯୋଗ

ପଟ୍ଟାମୁଣ୍ଡାଇ, ୬।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷଜମିକୁ ଜଳ ପରିଚାଳନା କରିବା ପାଇଁ ସରକାର କେନାଲଗୁଡ଼ିକ ନବୀକରଣ କରି କଂକ୍ରିଟ କରୁଛନ୍ତି। ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲକୁ ଲାଗିଥିବା ୧୬ ନଂ. କେନାଲର ପାଟ୍ କେନାଲ ଓସଙ୍ଗରା ସବ୍ ମାଇନର ଉଭୟପାର୍ଶ୍ୱ କଂକ୍ରିଟ ହେବା ସହ ବେଡ୍ କାମ ପାଇଁ ୨,୬୩, ୩୮,୨୮୭ କୋଟି ବ୍ୟୟ ଅଟକଳ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟ ଆରମ୍ଭ ୩୦।୧୨।୨୩ରେ ହୋଇଥିବା ବେଳେ ୨୯।୧୨।୨୪ରେ ଶେଷ ହେବ ବୋଲି ସୂଚନା ଫଳକ ଦର୍ଶାଯାଇଛି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ସେକ୍‌ସନ ଅଳଭା-୨ ଅଧୀନରେ ଏହି କାମ ତଦାରଖ କରାଯାଉଥିବାବେଳେ ସାଲେପୁରର ଠିକାଦାର ମନୋଜ କବି ନିର୍ମାଣ କାର୍ଯ୍ୟ କରୁଛନ୍ତି। ହେଲେ ଏହି କେନାଲ ନିର୍ମାଣ କାମରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ଅଭିଯୋଗ କରିବା ସହିତ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ତାହା ନ ହେଲେ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। କୃଷକ ନେତା ବିଜୟ ଦାସ କୁହନ୍ତି, ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ସବ୍‌ଡିଭିଜନ ଅଧୀନର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଷ୍ଟିମେଟ ଅନୁସାରେ କାର୍ଯ୍ୟ ନ ହୋଇ କୋଟି କୋଟି ଟଙ୍କା ମିଥ୍ୟା ବିଲ୍ କରାଯାଉଥିବା ପଟ୍ଟାମୁଣ୍ଡାଇ ଚାଷୀ କୃଷକ ନେତା ଓ ସାମାଜିକ କର୍ମୀ ପକ୍ଷରୁ ଜଳ ସମ୍ପଦ ଅଫିସ ଡେଲ୍‌ଟାରେ ଏସ୍‌ଡିଓଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ସେମାନେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଠିକା ସଂସ୍ଥାକୁ ପ୍ରଶ୍ରୟ ଦେଲା ଭଳି ଚୁପ୍ ବସି ଯାଉଛନ୍ତି। ଅନ୍ୟପକ୍ଷେ ଜେଇ ଓ ଟେକ୍‌ନିକାଲ ଦଳ ଉପସ୍ଥିତିରେ କାମ ହେବା କଥା ସେମାନେ ମଧ୍ୟ ତଦାରଖ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି।




କେନାଲ ବେଡ୍ କାମରେ ଅନିୟମିତତା ହୋଇଥିବା ବେଳେ ବାଲି ଦେଖାଯାଉଛି।

କଖାରୁଣୀ ଚାଷୀ ରଞ୍ଜିତ ପ୍ରଧାନ, ନରେଶ ଜେନା, ଶରତ ନାୟକ କହିଛନ୍ତି, କାମ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରିଥିଲୁ। ଏପରିକି କାମ ହେଉଥିବା ସ୍ଥାନକୁ ଯାଇ କାମମାନ ଠିକ୍ କରିବାକୁ ଠିକା ସଂସ୍ଥା ଅଧିକାରୀଙ୍କୁ କହିଥିଲୁ। ମାତ୍ର କାମ ଯେଉଳି ଚାଲୁଛି ତାହା ୧ବର୍ଷରୁ ଉର୍ଦ୍ଧ୍ୱ ଯିବ ନାହିଁ। ଗତବର୍ଷରେ ଯେତେ କି.ମି. କେନାଲ ନିର୍ମାଣ ହୋଇଥିଲା, ମାତ୍ର ୪ ମାସ ପାଣି ପ୍ରବାହିତ ହୋଇ ଉକ୍ତ କେନାଲରେ କଂକ୍ରିଟ ନଷ୍ଟ ହୋଇ ୱାଲଗୁଡିକ ଭାଙ୍ଗିବାକୁ ବସିଲାଣି। କାମର ମାନ ଠିକ୍ ହୋଇ ନ ଥିବାରୁ ୫ ମାସରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବରବାଦ ହୋଇଯିବ। ଚାଷୀ ଓ ଚାଷ ପାଇଁ ନବୀକରଣ ହେଉଥିବା କେନାଲ କାମରେ ଲାଗିବ ନାହିଁ ଓଲଟା ସମସ୍ୟା ସୃଷ୍ଟି କରିବ। ଚଳିତବର୍ଷ ଓସଙ୍ଗରା ମାଇନର କାମ ଆରମ୍ଭ ହେଉଥିବା ବେଳେ ଉକ୍ତ କାମର ସ୍ଥାୟିତ୍ୱକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କେନାଲ ପାଣି ଛାଡ଼ି ଦିଆଗଲେ ସବୁ ଦୁର୍ନୀତି ଓ ଅନିୟମିତତା କେନାଲ ପାଣିରେ ବୋହିଯିବ। ହେଲେ ଆଗକୁ ଉଚିତ ତଦନ୍ତ କରା ନ ଗଲେ ଏହି ପ୍ରକଳ୍ପ ଲକ୍ଷ୍ୟଠାରୁ ଦୂରେଇଯିବ। ସରକାରଙ୍କ ଟଙ୍କାକୁ ଠିକା ସଂସ୍ଥା, ଅଧିକାରୀ ଭାଗବଣ୍ଟା କରି ଖାଇ ଦେବେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ପଚାରିବାରେ କିଛି ଅନିୟମିତତା ହୋଇନାହିଁ, ଏଷ୍ଟିମେଟ ଅନୁଯାୟୀ କାମ ହେଉଛି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜଳ ସମ୍ପଦ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ମଙ୍ଗଳବାର ଯାଇ କାର୍ଯ୍ୟର ତନଖି କରିଛି। ଆଗକୁ କାମ ଠିକ୍ ଢଙ୍ଗରେ କରିବାକୁ ଏସ୍‌ଡିଓଙ୍କୁ ତାଗିଦ୍ କରିଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଲିଶା



@ କୁନ୍‌ମୁନ୍



@ ରାଜ



@ ସୁଶୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଢୁଆ ବନ୍ଦକୁ ପୂର୍ଣ୍ଣ ସମର୍ଥନ



ହାଟଛକଠାରେ ସତ୍ୟାଗ୍ରହୀମାନେ ବିକ୍ଷୋଭ କରୁଛନ୍ତି।

ରଘୁନାଥପୁର,୬।୨ (ରାଜେନ୍ଦ୍ର ନାରାୟଣ ସିଂହ)

**ବଜାର ଶୂନ୍‌ଶାନ, ସରକାରୀ ଅଫିସ ବନ୍ଦ, ସ୍କୁଲ, କଲେଜ ଫାଙ୍କା**

ରଘୁନାଥପୁର ବ୍ଲକ ରେଢୁଆ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ୧୦ ଦଫା ଦାବି ପୂରଣ ନେଇ ମଙ୍ଗଳବାର ରେଢୁଆ ବନ୍ଦ କରାଯାଇଥିଲା। ଏହା ସଫଳ ହୋଇଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସତ୍ୟାଗ୍ରହୀଙ୍କ ଡାକରାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ଣ୍ଣ ସମର୍ଥନ ମିଳିଛି। ଦଳମତ ନିର୍ବିଶେଷରେ ସମସ୍ତ ଜନତା ଏଥିରେ ସାମିଲ ହୋଇଛନ୍ତି ବୋଲି ଆବାହକ ସ୍ନେହାଂଶୁ ଜେନା ଓ ଦେବୀପ୍ରସାଦ ମହାରଣା କହିଛନ୍ତି। ଆଖପାଖ ୫ ପଞ୍ଚାୟତରେ ଏହି ବନ୍ଦର ପ୍ରଭାବ ପଡିଛି। ଦୋକାନ ବଜାର ବନ୍ଦ ରହିବା ସହ ଲୋକଙ୍କ ଯାତାୟାତ ନଗଣ୍ୟ ରହିଛି। ରେଢୁଆ, ରାଢଙ୍ଗ, ତଅଁରା, ପୁରୁଣାବସନ୍ତ ଓ ଅଢେଇକୁଳ ପଞ୍ଚାୟତରେ ଥିବା ସ୍କୁଲ କଲେଜଗୁଡ଼ିକ ଫାଙ୍କା ପଡ଼ିଥିବାବେଳେ କେବଳ ଶିକ୍ଷକମାନେ ଅଫିସରେ ବସି ରହିଥିବା ଦେଖାଯାଇଥିଲା। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ, ଆରଆଇ ଅଫିସ ଓ ଅନେକ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ରେଢୁଆ ହାଟ ଛକରେ ବିକାଶ ପରିଷଦର ଆବାହକ ଜେନା ଓ ମହାରଣାଙ୍କ ନେତୃତ୍ୱରେ ଶତାଧିକ ଅଞ୍ଚଳବାସୀ ବସିରହି ଏହି ପ୍ରତିବାଦ କରିଥିଲେ। ଅନ୍ୟପକ୍ଷେ ଯୁବକମାନେ ବାଇକ ରାଲିରେ ଯାଇ ବିଭିନ୍ନ ଛକ ବଜାରରେ ସରକାର ତଥା ପ୍ରଶାସନିକ ଅଧିକାରୀଙ୍କ ଅଞ୍ଚଳ ପ୍ରତି ଥିବା ବୈମାତୃକ ମନୋଭାବ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହୀଙ୍କ ପକ୍ଷରୁ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆବାହକ ଜେନା ପ୍ରକାଶ କରିଛନ୍ତି। ଏହି ବନ୍ଦ ପାଳନରେ ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ସାମାଜିକ କର୍ମୀ ଗୋବିନ୍ଦ ଓଝା, ସୌଭାଗ୍ୟ ସ୍ୱାଇଁ, ଆଶୁତୋଷ ସ୍ୱାଇଁ, ସନ୍ତୋଷ ସ୍ୱାଇଁ,ସୁବାସ ସାହୁ, ଲୋକେଶ ରାଜ ପଣ୍ଡା,ମିଥୁନ ବେହେରା, ବାପି ପ୍ରଧାନ, ଭାବନିକାନ୍ତ ସ୍ୱାଇଁ, ଗଗନ ବିଶ୍ୱାଳ,ବିକ୍ରମ ମହାନ୍ତି, ବିନୋଦ ଦାସଙ୍କ ସମେତ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

କାଳିଆପାଣି,୬।୨ (ଅସିତ ମହାନ୍ତ): ନାବାଳିକାଙ୍କୁ ଅପହରଣ ଅଭିଯୋଗରେ କାଳିଆପାଣି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କାଳିଆପାଣି ପଞ୍ଚାୟତର ଲିଟୁ ସୋରେନ। ଜାନୁଆରୀ ୨୩ରେ ଲିଟୁ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ବାପା ଝିଅକୁ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଲିଟୁ କେନ୍ଦୁଝର ଜିଲା ବାମବାରି ଅଞ୍ଚଳରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାବେଳେ ସେଠାରେ ନେଇ ନାବାଳିକାଙ୍କୁ ରଖିଥିଲେ। ପୋଲିସ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଆଇ ସୁଦାମ ନନ୍ଦୀ ସୂଚନା ଦେଇଛନ୍ତି।

## ଟାଟାଷ୍ଟିଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

କାଳିଆପାଣି,୬।୨ (ଅସିତ ମହାନ୍ତ): ଟାଟାଷ୍ଟିଲ ପକ୍ଷରୁ କାଳିଆପାଣି ଖଣି ଅଞ୍ଚଳରେ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ସୁକିନ୍ଦା, ଶାରୁଆବିଲ ଓ କମର୍ଦା ଖଣିର ଶତାଧିକ କର୍ମଚାରୀ, ନିରାପତ୍ତା ରକ୍ଷୀ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ନେଇ ଏହି ଶୋଭାଯାତ୍ରା ଟାଟା ମେନଗେଟ ନିକଟରୁ ବାହାରିଥିଲା। ସୁକିନ୍ଦା ଖଣି ମୁଖ୍ୟ ଏସ୍‌ଏନ୍ ଝା ଓ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସଡ଼କ ସୁରକ୍ଷାର ବିଭିନ୍ନ ପ୍ଲା କାର୍ଡ ଧରି ଓ ସ୍ଲୋଗାନ ଦେଇ ଶୋଭାଯାତ୍ରାକାରୀ ଟାଟା ବଜାର ପରିକ୍ରମା କରି ଟେମ୍ପୁଲ ଗେଟ ନିକଟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ସଭାରେ ଏଫ୍‌ଏମ୍‌ଡି ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। କମ୍ପାନୀ ପକ୍ଷରୁ କମର୍ଦା, ସାରୁଅବିଲ ଖଣି ମୁଖ୍ୟ ନବୀନ ଶ୍ରୀବସ୍ତାବ, ଖଣି ସୁରକ୍ଷା ମୁଖ୍ୟ ଏବି ଠାକୁର, ଖଣି ପରିଚାଳକ ନିହାର ମିଶ୍ର ଓ ପିଏସ୍ ପାଢ଼ୀ ସଡ଼କ ସୁରକ୍ଷା ଉପରେ ଉପସ୍ଥିତ ଟ୍ରକ ଡ୍ରାଇଭର, ଖଣି ଶ୍ରମିକଙ୍କୁ ସଚେତନ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ସଞ୍ଜୀବ ସାହୁ, ସୁରକ୍ଷା ପରିଚାଳକ ଏମ୍‌ଡି ମୁହିଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଗ୍ୟାସ୍ ଟ୍ୟାଙ୍କର ଚାପାରେ ଶ୍ରମିକ ମୃତ

**ପାରାଦୀପ,୬।୨ (ଶରତ ରାଉତ):** ପାରାଦୀପ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥ ଲକ୍ ଥାନା ଅନ୍ତର୍ଗତ ଦୋଛକିରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଗଡଜଙ୍ଗା ଗ୍ରାମର ପ୍ରଭାତ ପାତ୍ର (୫୨)। ଏନେଇ ଥାନାରେ ମାମଲା (ନଂ.୬୩/୨୪) ରୁଜୁ ହୋଇଛି। ପ୍ରଭାତ ପାରାଦୀପର ଏକ ଠିକା କମ୍ପାନୀରେ କାମ କରନ୍ତି। ସବୁଦିନ ପରି ସକାଳୁ ଗାଁରୁ ବାଇକ ଯୋଗେ ପାରାଦୀପ ଆସୁଥିବାବେଳେ ଦୋଛକି ବୁଲାଣି ପାଖରେ ଏହି ଦୁର୍ଘଟଣା ଘଟିଥିଲା। ଗ୍ୟାସ୍ ଟ୍ୟାଙ୍କର ପଛ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ପ୍ରଭାତଙ୍କ ମୃତ୍ୟୁ ଘଟିଛି। ଖବରପାଇ ଲକ୍‌ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଛି। ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଯାଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଗ୍ୟାସ ଟ୍ୟାଙ୍କର ଗାଡିକୁ ଜବତ କରାଯାଇଛି। ସୂଚନାଯୋଗ୍ୟ, ପାରାଦୀପ ଅଠରବାଙ୍କି-ଦୋଛକି ରାସ୍ତାରେ ପ୍ରତିଦିନ ଭାରିଯାନ ଚଳାଚଳ ଯୋଗୁ ପ୍ରାୟତଃ ଦୁର୍ଘଟଣା ଘଟୁଛି। ଗତବର୍ଷ ୧୫୦ରୁ ଅଧିକ ଦୁର୍ଘଟଣା ଘଟିଥିଲା। ସେଥିରେ ୬୫ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମଧ୍ୟ ଟ୍ରାଫିକ ବ୍ୟବସ୍ଥା ସୁଧୁରୁନାହିଁ।

# ଜୀବନ ବଞ୍ଚାଇବ ଚାରା ରୋପଣ

ମହାକାଳପଡ଼ା, ୬।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ବିଶ୍ୱ ଜଳ ବାୟୁ ପରିବର୍ତ୍ତନରେ ମାଡ଼ି ଆସୁଛି ବିପଦ
- ବଟିଘର ଅଞ୍ଚଳରେ ଶହେ ହେକ୍ଟର ଜମିରେ ୪ ଲକ୍ଷ ୪୫ ହଜାର ଲୁଣା ଚାରା
- ୧୨ ହେକ୍ଟର ଜମିରେ ୩୦ ହଜାର ଝାଉଁ ଚାରା ରୋପଣ

ବିଶ୍ୱରେ ଦ୍ରୁତଗତିରେ ବୃଦ୍ଧି ପାଉଛି ଜଳ ବାୟୁ ପରିବର୍ତ୍ତନ। ଗ୍ରୀନଲାଣ୍ଡ ବରଫ ତରଳିବା ଯୋଗୁ ଋତୁ ଚକ୍ରରେ ରହୁନି ସାମଞ୍ଜସ୍ୟ। ଜଳ ବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ରର ଜଳ ସ୍ତର ବୃଦ୍ଧି ଘଟୁଛି। ଏହା ଫଳରେ ତାପମାତ୍ରା ବୃଦ୍ଧି ହେବା ସହ ଅସମୟରେ ସାମୁଦ୍ରିକ ଝଡ଼, ପ୍ରାକୃତିକ ଦୁର୍ବିପାକ ଭଳି ସୁନାମି, ସାମୁଦ୍ରିକ ଭୂକମ୍ପ ଭଳି ଘଟଣା ଘଟିବା ଦ୍ୱାରା ସୁସ୍ଥ ପରିବେଶ ବିଗିଡ଼ିବାରେ ଲାଗିଛି। ପରିବେଶ ପ୍ରଭାବିତ ହେବା ଦ୍ୱାରା ସମାଜରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ଜନଜୀବନ ଏଥିରୁ ରକ୍ଷା ପାଇବା ପାଇଁ ହେଲେ ବିପୁଳ ପରିମାଣରେ ଚାରା ରୋପଣର ଆବଶ୍ୟକତା ରହିଛି। ସେଥିପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସମୁଦ୍ର କୂଳିଆ ଅଞ୍ଚଳରେ ବିପୁଳ ଝାଉଁ, ଲୁଣା ଜାତୀୟ ଚାରା ରୋପଣ, ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଯାଇଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲା ରଜାନଗର ବନ୍ୟ ଜୀବ ବନଖଣ୍ଡ ପକ୍ଷରୁ ବଟିଘର, ଜମ୍ବୁ, କଣ୍ଟିଲୋ, ହେଟାମୁଣ୍ଡିଆ, ସରଳିକୁଦ, ଟୁବି ଆଦି ଅଞ୍ଚଳର ପତିତ ଥିବା ବ୍ୟାପକ ଜଙ୍ଗଲ ଜମିଗୁଡିକରେ ଝାଉଁ, ରାଇ, ସୁନ୍ଦରୀ, କାଳିଆ ଚୁଆଁ, ଗୁଆଁ, ସିନ୍ଦୂକା, ବନି, ଗରାଣୀ, ଡଟ୍ ଆଦି ଚାରା ରୋପଣ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁସାରେ, ବଟିଘର ପଞ୍ଚାୟତରେ ଶହେ ହେକ୍ଟର ଜଙ୍ଗଲ ଜମିରେ ୪ ଲକ୍ଷ ୪୫ ହଜାର ବିଭିନ୍ନ ଲୁଣା ଜାତୀୟ ଚାରା ରୋପଣ କରାଯାଇଛି। ସେହିପରି ୧୨ ହେକ୍ଟର ଜମିରେ ୩୦ ହଜାର ଝାଉଁ ଚାରା ରୋପଣ କରାଯାଇଛି ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ତେବେ କେବଳ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କଲେ ହେବ ନାହିଁ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତି ଅନୁରୂପ ଭାବେ ଗାଁ ପାଖ ପଡ଼ିଆ ଜମି, ନଦୀ ଅବବାହିକାଗୁଡିକରେ ବୃକ୍ଷ ରୋପଣ କରିବାକୁ ଆଗଭର ହେବା ଆବଶ୍ୟକ। ତେବେ ଜଳବାୟୁ ପରିବର୍ତ୍ତନରେ ଘଟୁଥିବା ପ୍ରାକୃତିକ ଦୁର୍ବିପାକକୁ ବୃକ୍ଷ ହିଁ କେବଳ ସାମ୍ନା କରିବାରେ ସକ୍ଷମ ହୋଇପାରିବ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡାଇଙ୍କୁ ପଚାରିବାରେ ବଟିଘର ଅଞ୍ଚଳ, ପତିତ, ଅନାବାଦୀ, ରାସ୍ତାପାର୍ଶ୍ୱ, ଗୋଚର ଖାଲି ପଡିଥିବା ଜମିରେ ବ୍ୟାପକ ପରିମାଣରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯିବ ବୋଲି ସେ କହିଛନ୍ତି।



ବ୍ଲକ ଅଧୀନ ସ୍ଥାନୀୟ ଉପକୂଳ ଅଞ୍ଚଳ ବଟିଘର ପଞ୍ଚାୟତରେ ବନ ବିଭାଗ ପକ୍ଷରୁ ବିଭିନ୍ନ ଲୁଣା ଜାତୀୟ ଚାରା ରୋପଣ କରାଯାଇଛି।

# ଅବଧି ପରେ ବି ସରୁନି କାମ

**ବାଲିଚନ୍ଦ୍ରପୁର-ବରୁହାଁ ରାସ୍ତା**

ଚଣ୍ଡିଖୋଲ,୬।୨ (ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ମୁଖ୍ୟାଳୟକୁ ସଂଯୋଗ କରୁଛି ବାଲିଚନ୍ଦ୍ରପୁର-ବରୁହାଁ ରାସ୍ତା। ଏହି ରାସ୍ତା ପୂର୍ତ୍ତ ବିଭାଗର ଚାରବାଟିଆ ଓ ପାଣିକୋଇଲି ୨ ଡିଭିଜନ ଅଧୀନରେ ରହିଛି। ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାରିବାଟିଆ ଡିଭିଜନ ଅଧୀନ ବଡ଼ଚଣା ଉପଖଣ୍ଡର ମାଣ୍ଡୁକାଠାରୁ ଗଡ଼ଜିତ ପର୍ଯ୍ୟନ୍ତ ରାସ୍ତା ନିମାଣ କାର୍ଯ୍ୟ ଚାଲିଛି। ହେଲେ ଗତ ନଭେମ୍ବରରୁ ଏହାର ଅବଧି ଶେଷ ହୋଇଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଅଧା ହୋଇନାହିଁ। ୩.୫୦୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୮ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର ଦିଆଯାଇଛି। ହେଲେ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ବନ୍ୟା ସମୟରେ ବୁଡ଼ି ଯାଉଥିବାରୁ ଏହାକୁ ପୁରୁଣା ରାସ୍ତାଠାରୁ ୩ ମିଟର ଉଚ୍ଚା କରିବାକୁ ନିୟମ ରହିଛି। ଏଥିସହିତ ରାସ୍ତାର ଚଉଡ଼ା ୭ ମିଟର କରାଯିବାକୁ ବିଭାଗୀୟ ନିର୍ଦ୍ଦେଶ ନାମା ରହିଛି। କିନ୍ତୁ ଠିକା ସଂସ୍ଥା ଏ ସବୁ ନିର୍ଦ୍ଦେଶନାମାକୁ ଖୋଲା ଖୋଲି ଉଲ୍ଲଂଘନ କରୁଛି। ଏହା ଏକ ସବୁଦିନିଆ ରାସ୍ତା ହୋଇଥିବାବେଳେ ଗତ ଜୁନରୁ ମାଟି ପକାଇ ଠିକା କମ୍ପାନୀ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରି ରଖିଥିଲା। ଫଳରେ ୭ ମାସ ଧରି ଏହି ରାସ୍ତାରେ ଚଳପ୍ରଚଳ ଠପ୍ ହୋଇ ଯାଇଥିଲା। ବଡ଼ଚଣା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ସାଧାରଣ ଲୋକଙ୍କ ଯାତାୟାତର ଏହା ମୁଖ୍ୟ ରାସ୍ତା ହୋଇଥିବାବେଳେ ଯାତାୟାତ ବନ୍ଦ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଇଥିଲେ।



ବାଲିଚନ୍ଦ୍ରପୁର-ବରୁହାଁ ରାସ୍ତା କାମ ଅଧାପନ୍ତରିଆ।

ନିୟମ ଅନୁଯାୟୀ ଏକ ମୁଖ୍ୟ ରାସ୍ତାକୁ ଅବରୋଧ କଲେ ଏଥିପାଇଁ ଅସ୍ଥାୟୀ ବିକଳ୍ପ ରାସ୍ତା ନିର୍ମାଣ କରିବା ଆବଶ୍ୟକ। କିନ୍ତୁ ଠିକା କମ୍ପାନୀ ଏହା କରି ନ ଥିଲା। ଜାନୁଆରୀରେ ରାସ୍ତା କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଛି। ହେଲେ ଏପର୍ଯ୍ୟନ୍ତ ବିଏମ୍ ୱାଲ୍ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରତି ଫୁଟ ମାଟି ପକାଇ ଏହାକୁ ରୋଲିଂ କରିବା ବ୍ୟବସ୍ଥା ରହିଥିବାବେଳେ ତାହା କରାଯାଉନାହିଁ। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗର ନିର୍ଦ୍ଦେଶ ଅନୁଯାୟୀ ରାସ୍ତା କାର୍ଯ୍ୟ ୨୦୨୩ ନଭେମ୍ବର ୫ରେ ଶେଷ ହେବା କଥା। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡ ୱାଲ ବ୍ୟବସ୍ଥା ରହିଥିବାବେଳେ ତାହାକୁ ଠିକ ଭାବେ ନିର୍ମାଣ କରାଯାଉନାହିଁ। ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା କାମ ଅବଧି ଶେଷ ହୋଇଯାଇଛି। ହେଲେ ଠିକାସଂସ୍ଥା ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ନେଇଛି। କାମକୁ ବିଭାଗ ପକ୍ଷରୁ ସଦାସର୍ବଦା ତଦାରଖ କରାଯାଉଛି। ତେଣୁ ଯାହା ଚୁକ୍ତି ନାମା ରହିଛି, ସେହି ମୁତାବକ ଠିକା ସଂସ୍ଥା ସମସ୍ତ କାର୍ଯ୍ୟ କରିବାକୁ ବାଧ ହେବ।

# ଅନିଶ୍ଚିତତା ଘେରରେ ୧୨୦ ଗଭୀର ନଳକୂପ

ନୟାଗଡ଼,୬।୨(ଲୋକନାଥ ମିଶ୍ର)

- ପ୍ରକଳ୍ପ ପାଇଁ ୭ ବର୍ଷ ତଳେ ଡିପୋଜିଟ୍ କରିଥିଲେ ୨୦ ହଜାର ଟଙ୍କା
- ୪ବର୍ଷ ତଳେ ଖନନ କରାଯିବା ପରେ ବି ବିଦ୍ୟୁତ୍ ସଂଯୋଗ ନାହିଁ
- ଚାଷୀଙ୍କୁ ସହଯୋଗ କରୁନି ଉଠାଜଳସେଚନ ବିଭାଗ

ଚାଷୀ ହାତପାହାନ୍ତାରେ ଜଳସେଚନ ସୁବିଧା ପାଇବା ସ୍ୱପ୍ନ ଧୂଳିସାତ୍ ହୋଇଛି । ଏ ନେଇ ନୟାଗଡ ଜିଲାର ଚାଷୀମାନେ ଅଭିଯୋଗ କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏଭଳିଆ ଅଭିଯୋଗ ନୟାଗଡ଼ ଉଠାଜଳସେଚନ କାର୍ଯ୍ୟାଳୟ ବିରୋଧରେ ଆସିଛି । ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ ମନମାନି ଓ ଅସହଯୋଗ କାରଣରୁ ଜିଲାରେ ୧୨୦ ଗଭୀର ନଳକୂପ ପ୍ରକଳ୍ପ ଅନିଶ୍ଚିତତା ଘେରରେ ରହିଛି । ୧୨୦ ଅଗଭୀର ନଳକୂପକୁ ନିଜ ଚାଷ ଜମିରେ ଖନନ ପାଇଁ ୨୦୧୭ରେ ୧୨୦ ଚାଷୀ ୨୦ ହଜାର ଟଙ୍କା ଲେଖାଏ ଡିପୋଜିଟ୍ କରିଥିଲେ । ଆବେଦନର ୩ ବର୍ଷ ପରେ ୨୦୨୦ରେ ଗଭୀର ନଳକୂପ ଖନନ ହୋଇଥିଲା । ୨୦୨୧ରେ ବିଦ୍ୟୁତ୍ ଖୁଣ୍ଟ ପଡିଥିଲା । ତେବେ ବିଦ୍ୟୁତ୍ ତାର ଟଣା ଯାଇ ପାରିଲା ନାହିଁ କି ସଂଯୋଗ ଦିଆ ଯାଇ ପାରିଲ ନାହିଁ । ଏଣୁ ଚାଷୀ ଜମିରେ ଫସଲ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା ତାହା ସ୍ୱପ୍ନରେ ରହି ଯାଇଛି ।

**ଉଠାଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ**

ନୟାଗଡ଼ର ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାଡିକିଲା ଓ ଓଡ଼ଗାଁ ଅଞ୍ଚଳର ଚାଷୀମାନେ ବିକ୍ଷୋଭ କରିଥିଲେ ।



ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି ।

ଚାଷୀଙ୍କ ଦାବି ଥିଲା ଜମିରେ ଖୋଳା ଯାଇଥିବା ଗଭୀର ନଳକୂପ ଦ୍ୱାରା ଶୀଘ୍ର ଜଳସେଚନର ସୁବିଧା ଯୋଗାଇ ଦିଆଯାଉ । ଏନେଇ ଚାଷୀ ସଂଯୁକ୍ତା ଭଟ, ଦିଲୀପ ପାତ୍ର, ମାୟା ସାହୁ, ବୀର ପ୍ରଧାନ କୁହନ୍ତି, ଓଡ଼ଗାଁ ବ୍ଲକ ଅଞ୍ଚଳରେ ହନୁମନ୍ତିଆ ୧୧, ଗିରିଡ଼ିପଲ୍ଲୀ ୪, ପଥରପଲ୍ଲୀ ୩, ଧାନଝରୀ ୩, ଭାଡିକିଲା ୧୨, ଲିଙ୍ଗରାଜପ୍ରସାଦରେ ୭, କେନ୍ଦୁପଲ୍ଲୀ ୬, ରଘୁନାଥପୁର ୪, କୁରାଳରେ ୫ ଏପରି ମୋଟରେ ୫୫ ଗଭୀର ନଳକୂପ ଖନନ ହୋଇଛି । ଗଭୀର ନଳକୂପ ଖନନ ପରେ ୨୦୨୧ରେ କେବଳ ବିଦ୍ୟୁତ୍ ଖୁଣ୍ଟ ପୋତି ଠିକାଦାର ଆଉ କାମ କରି ନାହାନ୍ତି । ଏହା ପରେ ପ୍ରକଳ୍ପ କାମ ଆଉ ହେଉନି । ଇତି ମଧ୍ୟରେ ୧୦ରୁ ୧୬ ଥର ଉଠାଜଳସେଚନ ବିଭାଜନର ନିର୍ବାହୀଯନ୍ତ୍ରୀଙ୍କୁ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ବାରମ୍ବାର ଭେଟିଛୁ । ମଙ୍ଗଳବାର ଆସି ପୁଣି ଭେଟିବାକୁ ଅପେକ୍ଷା କରିଥିଲୁ । ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ବିକ୍ଷୋଭ କଲୁ । କିଛି ସୁଫଳ ନ ପାଇ ଫେରିଲୁ । ଆଗକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛୁ ବୋଲି ସେମାନେ କହିଛନ୍ତି ।

**ରାଜ୍ୟସ୍ତରରୁ ଡିଭିଜନକୁ ଆସିଲା ଟେଣ୍ଡର ପ୍ରକ୍ରିୟା**

କାମ ନ ହୋଇ ପଡି ରହିଥିବା ନୟାଗଡ଼ର ୧୨୦ଗଭୀର ନଳକୂପ ସମ୍ପର୍କରେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଏପରି ଅଭିଯୋଗ ମୁଁ ପାଇଛି । ରଣପୁର ବ୍ଲକ୍‌ର ବାଉଁଶଗଡ଼ର କେତେଜଣ ଚାଷୀ ଏନେଇ ମୋତେ ଅଭିଯୋଗ କରିବା ପରେ ଜିଲାର ୧୨୦ ଗଭୀର ନଳକୂପ ସମ୍ପର୍କରେ ମୁଁ ଜାଣିବାକୁ ପାଇଥିଲି । ଏନେଇ ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ପ୍ରକୃତ ସମସ୍ୟାକୁ ଅନୁଧ୍ୟାନ କଲି । ଉଠାଜଳସେଚନ ବିଭାଗର ଚେୟାରମ୍ୟାନଙ୍କ ରିଭ୍ୟୁ ସମୟରେ ନୟାଗଡ଼ ବିଧାୟକଙ୍କ ସହଯୋଗରେ ଚାଷୀଙ୍କ ସମସ୍ୟା ଉପସ୍ଥାପନ କରାଯାଇଥିଲା । ଗଭୀର ନଳକୂପର ଟେଣ୍ଡର ରାଜ୍ୟସ୍ତରରେ ହେଉଥିଲା । ଚେୟାରମ୍ୟାନଙ୍କ ହସ୍ତକ୍ଷେପ ପରେ ଟେଣ୍ଡର ପ୍ରକ୍ରିୟା ଡିଭିଜନସ୍ତରକୁ ଆସିଛି । ଏନେଇ ଟେଣ୍ଡର ହୋଇ ସାରିଛି । ଟେଣ୍ଡର ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥର ଚାଷୀ ଜଳସେଚନର ସୁବିଧା ପାଇବାର ସ୍ୱଷ୍ଟ ଚିତ୍ର ରହିଛି ବୋଲି କହିଛନ୍ତି । ଉଠାଜଳସେଚନ ବିଭାଜନର ନିର୍ବାହୀଯନ୍ତ୍ରୀ ଦୁଃଶାସନ ଜେନା କୁହନ୍ତି, ଜିଲାର ଗଭୀର ନଳକୂପର ଟେଣ୍ଡର ରାଜ୍ୟସ୍ତରରେ ୪ଥର ହୋଇ ସାରିଲାଣି । ହେଲେ ସଫଳତା ମିଳୁନି । ବିଦ୍ୟୁତ୍ ସଂଯୋଗ ପରେ ଚାଷୀ ଜମିରେ ଜଳସେଚନ କରିପାରିବେ । ରାଜ୍ୟରୁ ଡିଭିଜନସ୍ତରକୁ ଟେଣ୍ଡର ପ୍ରକ୍ରିୟା ଆସିଛି । ମଙ୍ଗଳବାର ଟେଣ୍ଡର ଖୋଲା ଯାଇଛି । ବୁଧବାର ଟେଣ୍ଡର ପାଇଁ ଠିକାଦାର ଚୟନ ପ୍ରକ୍ରିୟା ହେବ । ପରେ କାମ ସୁବିଧାରେ ହୋଇ ପାରିବ ବୋଲି ସେ କହିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପବିତ୍ର


@ ରିତୁ


@ ସରୋଜ


@ ସୁଧାଂଶୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଛତ୍ରପୁର,୬।୨
(ଦିଲୀପ ସାମଲ)

ବେଆଇନ ଗଞ୍ଜେଇ ଚୋରାଚାଲାଣ ମାମଲାର ଚୂଡ଼ାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ ମନୋରଞ୍ଜନ ଦାଶ ଏହି ମାମଲାର ବିଚାର କରି ଅଭିଯୁକ୍ତ କାଞ୍ଚୁ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ କାଞ୍ଚୁଙ୍କୁ ୧୦ ବର୍ଷ ଜେଲ ଜଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୨୦୨୨ ନଭେମ୍ବର ୬ରେ କନ୍ଧମାଳ ଜିଲା କେରୁବାଡି ଅଞ୍ଚଳର କାଞ୍ଚୁ ଦାସ ଏକ ଇଣ୍ଡିକୋ କାରରେ ବେଆଇନ ଭାବେ ୧ କୁଇଣ୍ଟାଲ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଛତ୍ରପୁର ଉଜ୍ୱଳେଶ୍ୱରୀ ମନ୍ଦିର ନିକଟ ୧୬ନଂ ଜାତୀୟ ରାଜପଥଠାରେ ଗଞ୍ଜାମ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ଅବକାରୀ ବିଭାଗ ପକ୍ଷରୁ ୨୧/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କାଞ୍ଚୁଙ୍କୁ କୋର୍ଟ ଚାଲଣ କରାଯାଇଥିଲା। ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଓକିଲ ସୀମାଞ୍ଚଳ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ସ୍ୱଚ୍ଛତା,ଗଣତାନ୍ତ୍ରିକ ପଦ୍ଧତିରେ କଂଗ୍ରେସର ପ୍ରାର୍ଥୀ ଚୟନ ଅଭିଯାନ

ନୟାଗଡ଼,୬।୨(ଲୋକନାଥ ମିଶ୍ର)

ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ପଦ୍ଧତିରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ଚୟନ ପାଇଁ କଂଗ୍ରେସର ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏନେଇ ମଙ୍ଗଳବାର ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ରଣଜିତ ଦାସ, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ ଏବଂ ଓଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପ୍ରଗମନ ଅଭିଯାନ ଓଡ଼ିଶାର ଆରମ୍ଭ ହୋଇଛି। ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ପ୍ରଗମନ.ଇନ୍‌ରେ ଆଶାୟୀ ପ୍ରାର୍ଥୀମାନେ ଆବେଦନ କରିପାରିବେ। ଏହି ଉପାୟରେ କଂଗ୍ରେସ ସ୍ୱଚ୍ଛତା ଓ ଗଣତନ୍ତ୍ରିକ ପଦ୍ଧତିରେ ପ୍ରାର୍ଥୀ ଚୟନ କରିବ । ଲଢ଼ିବା ପାଇଁ ଉତ୍ସାହ ଥିଲେ କାହାର ସୁପାରିଶ ଦରକାର ନାହିଁ ବୋଲି ନେତୃମଣ୍ଡଳୀ କହିଛନ୍ତି। ବିଧାନସଭା ଓ ଲୋକସଭା ଆସନ ପାଇଁ ଲଢ଼ିବା ଲାଗି ସାଧାରଣ ଜନତା, ଲୋକ ସେବକ, କର୍ମୀ ଓ ନେତାମାନେ ଆବେଦନ କରିପାରିବେ । ଯେଉଁମାନଙ୍କ ଲୋକସମ୍ପର୍କ ରହିଛି ସେମାନଙ୍କୁ ନେତୃତ୍ୱ ଦେବାର ଏକ ଅପୂର୍ବ ସୁଯୋଗ ଦେବ କଂଗ୍ରେସ ଦଳ । ସାଧାରଣ ଲୋକଙ୍କୁ ନିର୍ବାଚନରେ ଯୋଡ଼ିବା ଓ ନେତୃତ୍ୱ ବିକାଶକୁ ଆଗକୁ ବଢ଼ାଇବା ପାଇଁ କଂଗ୍ରେସ ଆରମ୍ଭ କରିଛି ଏହି ଅଭିନବ ପ୍ରୟାସ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ କୁହାଯାଇଛି।

## ୨ ପାଳଗଦା ପୋଡ଼ିଗଲା

ଦଶପଲ୍ଲା,୬।୨(ପ୍ରକାଶ କୁମାର ପାଣି)

ମଙ୍ଗଳବାର ଦଶପଲ୍ଲା ବ୍ଲକର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ ଘଟି ପାଳଗଦା ପୋଡ଼ିଯାଇଛି । ଦୁଆରଗାଁ ନିକଟରେ ସେହି ଗ୍ରାମର ବିଜୟ ନାୟକଙ୍କ ୧ ଏକର ଜମିର ପାଳଗଦା ଜମା ହୋଇଥିଲା । କୌଣସି କାରଣରୁ ତାହା ପୋଡ଼ି ଯାଇଥିଲା । ସେହିପରି ଖମାରସାହି ଗ୍ରାମର ଅଶୋକ କୁମାର ସାହୁ ଏବଂ ଦାଶରଥୀ ସ୍ୱାଇଁଙ୍କ ୧ ଏକର ଜମିର ପାଳଗଦା ପୋଡ଼ି ଯାଇଛି । ଖବର ପାଇ ଦଶପଲ୍ଲା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ ।

## ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପ ସମୀକ୍ଷା କଲେ ଜିଲାପାଳ


ନୀଳମାଧବ ପୀଠ ସେବାୟତମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ଖଣ୍ଡପଡ଼ା,୬।୨
(ଅଜୟ କୁମାର ମହାରଣା)

ନୟାଗଡ଼ର ନୂତନ ଜିଲାପାଳ ଭାବେ ସ୍ୱଧାଦେବ ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ମଙ୍ଗଳବାର ପୂର୍ବାହ୍ନରେ କଣ୍ଟିଲୋ ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିବା ସହ ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜିଲାପାଳ ଠାକୁରଙ୍କ ଦର୍ଶନ ପରେ ମନ୍ଦିର ବେଢ଼ା ପରିକ୍ରମା କରି ଭୋଗ ମଣ୍ଡପରେ ନୀଳମାଧବ ଜୀଉଙ୍କ ସେବାୟତ ଓ ଓଡ଼ିଶା ପର୍ଯ୍ୟଟନ ବିଭାଗ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ । ପରେ ଜିଲାପାଳ ସିଂ ମନ୍ଦିର ବିକାଶ ପ୍ରକଳ୍ପ ସମ୍ପର୍କୀୟ ନକ୍ସା ଦେଖି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଇଂ. ପ୍ରଶନ୍ନ ବଳବନ୍ତରାୟଙ୍କ ସହ ଆଲୋଚନା କରିଥିଲେ । ଇତିଅବସରରେ ମନ୍ଦିର ବିକାଶ ପ୍ରକଳ୍ପରେ ବିସ୍ଥାପିତ ହେବାକୁ ଥିବା ସେବାୟତମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏ ନେଇ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସିଂ ସୂଚନା ଦେଇଥିଲେ। ଅପରପକ୍ଷେ ଠାକୁରଙ୍କ ଦୟଣାଚୋରି ବଗିଚାରେ ଥିବା ପୋଖରୀଟି ପୂର୍ବ ନକ୍ସା ଅନୁସାରେ ସଙ୍କୁଚିତ ହୋଇଯାଇଥିବାରୁ ଏ ଦିଗରେ ଦୃଷ୍ଟି ଦେବାକୁ ସେବାସୀମାନେ ଜିଲାପାଳଙ୍କୁ ଅବଗତ କରିଥିଲେ । ଆଲୋଚନା ସମୟରେ ନୀଳମାଧବ ପୂଜକ ସମାଜ ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ର, କୋଷାଧ୍ୟକ୍ଷ ରାସେଶ୍ୱର ମିଶ୍ର, ବାବୁଲି ମିଶ୍ର, ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ପରେ ଜିଲାପାଳ ଦୟଣା ଚୋରି ବଗିଚା ଓ ଠାକୁରଙ୍କ ଚନ୍ଦନ ପୋଖରୀ ନବୀକରଣ କାର୍ଯ୍ୟ ପରିଦର୍ଶନ କରି ନୟାଗଡ଼ ଫେରି ଯାଇଥିଲେ ।

## ଶରଣକୂଳରେ ନାଗରିକ ମଞ୍ଚ ପକ୍ଷରୁ ଧାରଣା

### ଦୁର୍ନୀତିର ତଦନ୍ତ ଓ ବିକାଶ ପାଇଁ ୬ ଦଫା ଦାବି

ନୟାଗଡ଼,୬।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡଗାଁ ବ୍ଲକ୍‌ରେ ରହିଥିବା ଶରଣକୁଳ ଅଞ୍ଚଳର ବିକାଶ ଓ ଏଠାରେ ହୋଇଥିବା ଦୁର୍ନୀତିର ତଦନ୍ତ ଉଦ୍ଦେଶ୍ୟରେ ଶରଣକୁଳ ଥାନା ସମ୍ମୁଖ ବାପୁଜୀ ସେବା ସଂଘ ପରିସରରେ ଧାରଣା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ୬ଦଫା ଦାବି ପୂରଣ ନ ହେଲେ ଶରଣକୁଳ ନାଗରିକ ମଞ୍ଚ ପକ୍ଷରୁ ଚାଲିଥିବା ଧାରଣା ପ୍ରତ୍ୟାହୃତ ହେବ ନାହିଁ ବୋଲି ଚେତାବନୀ ଦିଆଯାଇଛି । ଅଭିଯୋଗ ଅନୁଯାୟୀ, ଚିନାମାଳି ଗହୀରରେ ଜଳସେଚନର ସୁବିଧା କରାଯାଉ । ଧାନ କୁଇଣ୍ଟାଲ ପିଛା ମଣ୍ଡିରେ ୩୨୦୦ ଟଙ୍କା ବିକ୍ରି କରିବାର ସୁବିଧା ସହ ବୋନସ ୧୨୦୦ ଟଙ୍କା ରଖିବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି । ସେହିଭଳି ଶରଣକୁଳକୁ ଏନ୍‌ଏସିର ମାନ୍ୟତା, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସଂଖ୍ୟା ବୃଦ୍ଧି ପରି ଅନୁରୂପ ଦାବି ରହିଛି । ଚିଟ୍‌ଫଣ୍ଡ ଟଙ୍କା ଜମାକାରୀଙ୍କୁ ଫେରସ୍ତ, ବସୁଧା ଯୋଜନାକୁ ସଫଳ କରାଇବା, ୫-ଟି ଯୋଜନାରେ ସ୍କୁଲରେ ହୋଇଥିବା କାର୍ଯ୍ୟର ତଦନ୍ତ, ଶରଣକୁଳ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ କରିବା ମଧ୍ୟ ଦାବି ରହିଛି । ଶରଣକୁଳ ନାଗରିକ ମଞ୍ଚ ସଭାପତି ରଷିଆ ପ୍ରଧାନ ଓ ସମ୍ପାଦକ କବୀର ପ୍ରଧାନଙ୍କ ଉପସ୍ଥିତିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦ, ସାମାଜିକ କର୍ମୀ ବୈକୁଣ୍ଠ ନାଥ ସେଠୀ, ନାଗରିକ ମଞ୍ଚ ସଭ୍ୟ ସତ୍ୟବାଦୀ ମହାପାତ୍ର, ଆଲୋକ ପ୍ରଧାନ, ଭାଗିରଥି ବାରିକ ପ୍ରମୁଖ ଧାରଣାରେ ବସିଛନ୍ତି ।

## ଗୋଛା ଜଙ୍ଗଲରୁ ଶାଳକାଠ ଚୋରି ବଢୁଛି

ନୟାଗଡ଼,୬।୨(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜର ଗୋଛୋ ଜଙ୍ଗଲରୁ ଶାଳ କାଠ ଚୋରି ବଢୁଥିବା ଅଭିଯୋଗ ହୋଇ ଆସୁଛି । କରଡ଼ାର ଜଣେ ବ୍ୟକ୍ତି କେତେଜଣ କାଠଚୋରଙ୍କ ସହାୟତାରେ ୨ରୁ ୩ ଫୁଟିଆ ଶାଳ ଗଛ କାଟି ନିଜ ଘରେ ଗଚ୍ଛିତ କରି ରଖିଛନ୍ତି। ପରେ ସେହି କାଠକୁ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଶରଣକୂଳ-ଓଡ଼ଗାଁ ରାସ୍ତାପାର୍ଶ୍ୱରେ ପ୍ରାୟ ୧ ଟ୍ରିପ କାଠ ଗଚ୍ଛିତ ହୋଇ ରହିଥିଲେ ମଧ୍ୟ ବନବିଭାଗ ଚଢ଼ାଉ କରୁ ନ ଥିବା ଅଭିଯୋଗ ହୋଇଛି। ଚୋରା କାଠ ନେଇ ବନବିଭାଗକୁ ଅଭିଯୋଗ କରାଯାଇଛି।

## ପାୱାର କିଙ୍ଗ୍ କ୍ରିକେଟ୍ କ୍ଲବ୍ ବିଜୟୀ


ଖେଳାଳିମାନଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

ଖଣ୍ଡପଡ଼ା,୬।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଖଳିସାହି ଖେଳ ପଡ଼ିଆରେ ମଙ୍ଗଳବାର ଆରମ୍ଭ ହୋଇଛି । ପ୍ରାରମ୍ଭିକ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ଖଳିସାହି ସରପଞ୍ଚ ଫକୀର ମୋହନ ଦାସ ପ୍ରମୁଖ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଆଜିର ଉଦ୍‌ଘାଟନୀ ମ୍ୟାଚରେ ବାଙ୍କୀ ପାୱାର କିଙ୍ଗ୍ କ୍ରିକେଟ କ୍ଲବ୍ ୬ରନରେ ଖୋର୍ଦ୍ଧା କଳିଙ୍ଗ ଟାଇଗର କ୍ରିକେଟ କ୍ଲବକୁ ପରାସ୍ତ କରି ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବାଙ୍କୀ ଦଳ ଟସ୍ ଜିତି ବ୍ୟାଟିଂ କରି ୧୯.୧ ଓଭରରେ ୧୦ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଖୋର୍ଦ୍ଧା ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୨୧୯ ରନ ସଂଗ୍ରହ କରିଥିଲା । ବିଜୟୀ ଦଳର ସଂଗ୍ରାମ ମାଝି ବ୍ୟକ୍ତିଗତ ୨୦ ବଲରେ ୬ ଚୌକା ଓ ୮ ଛକା ସହାୟତାରେ ୭୦ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ରବିନ୍ଦ୍ର ନାଥ ମିଶ୍ର ଓ ଉଦୟ ନାଥ ଦାସ ଖେଳ ପରିଚାଳନା କରିଥିଲେ । ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ତୁଲାଇ ଥିବା ବେଳେ ସୀମାଞ୍ଚଳ ପୃଷ୍ଟି ଓ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୁଧବାର କଟକ ସ୍ମାଇଲ ଟିମ୍ ସହ ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ୍ ଆଠଗଡ଼ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ ।

**ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

## ଯୋଗରେ ସୁନାମ ଆଣିଲେ ଜଗବନ୍ଧୁ

ନୂଆଗାଁ,୬।୨(ଧନେଶ୍ୱର ସାହୁ)


ଚିନ୍ତାମଣି ବିଦ୍ୟାପୀଠ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ଗହଣରେ ଜଗବନ୍ଧୁ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ମାଇଛେଳି ପଞ୍ଚାୟତର ଜଗବନ୍ଧୁ ସାମନ୍ତରାୟ ଚଳିତବର୍ଷ ରାଜ୍ୟସ୍ତରୀୟ ଯୋଗ ଚାମ୍ପିୟାନସିପ୍‌ରେ ଢେଙ୍କାନାଳଠାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜସ୍ଥାନର ରାଇପୁରଠାରେ ଅନୁଷ୍ଠିତ ନ୍ୟାଶନାଲ ସ୍କୁଲ ଗେମ୍ସରେ ଅଂଶଗ୍ରହଣ କରି ରାଜ୍ୟର ସମ୍ମାନ ବୃଦ୍ଧି କରିଛନ୍ତି । ରାଜସ୍ଥାନରୁ ଫେରିବା ପରେ ସମ୍ପଡା ଚିନ୍ତାମଣି ବିଦ୍ୟାପୀଠର ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ତରଫରୁ ଜଗବନ୍ଧୁଙ୍କୁ ସ୍ୱାଗତ କରାଯାଇଥିଲା । ଜଗବନ୍ଧୁଙ୍କ ବୟସ ମାତ୍ର ୧୩ ବର୍ଷ । ହେଲେ ଏହି ବୟସରେ ସେ ଅନେକ ସମ୍ମାନର ଅଧିକାରୀ ହୋଇଛନ୍ତି । ସେ ବିଦ୍ୟାଳୟସ୍ତରଠାରୁ ଆରମ୍ଭ କରି ରାଜ୍ୟ ଓ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ପାଇଁ ସୁନାମ ଆଣିଛନ୍ତି । ୨୦୨୨ ଜୁନ୍‌ରେ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଦିଲ୍ଲୀସ୍ଥିତ ଏନ୍‌ସିଇଆର୍‌ଟିରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ । ୨୦୨୩ରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ଜାତୀୟ ଅଲମ୍ପିଆଡ ପ୍ରତିଯୋଗିତାରେ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିଲେ । ୨୦୨୩ରେ ରାଜ୍ୟସ୍ତରୀୟ ଯୋଗ ଚାମ୍ପିଆନସିପ୍‌ରେ ଭଦ୍ରକ ତିହିଡିରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଗବନ୍ଧୁ ଗତ ୪ ବର୍ଷଧରି ଯୋଗଶିକ୍ଷକ ପରମାନନ୍ଦ ପରଡ଼ାଙ୍କଠାରୁ ଯୋଗଶିକ୍ଷା କରି ଆସୁଛନ୍ତି । ଏପରି ଜଣେ ଗରିବ ମେଧାବୀ ଛାତ୍ରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେ ରାଜ୍ୟ ପାଇଁ ସୁନାମ ଅର୍ଜନ କରିପାରିବେ ବୋଲି ତାଙ୍କ ଯୋଗଶିକ୍ଷକ ଆଶାବ୍ୟକ୍ତ କରିଛନ୍ତି ।

